# ଉଠାଦୋକାନୀଙ୍କ ସମସ୍ୟା ସମାଧାନ ଦାବି

**ଦିଗପହଣ୍ଡି,୨୮ ।୫(ସମିସ):** ଦିଗପହଣ୍ଡି ସହରର ଉଠାଦୋକାନୀ ମାନଙ୍କୁ ଥଇଥାନ ଦାବି ନେଇ ମଙ୍ଗଳବାର ସ୍ଥାନୀୟ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣଙ୍କ ଜରିଆରେ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଦିଗପହଣ୍ଡି ବସଷ୍ଟାଣ୍ଡ ସ୍ଥିତ ତ୍ରିନାଥ ଠାକୁର ପଥ ବିକ୍ରେତା ସଂଘ ସଭାପତି ଅଳକ ନାଥ ମିଶ୍ରଙ୍କ ନେତୃତ୍ୱରେ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ବୃନ୍ଦ ଏନଏସି କାର୍ଯ୍ୟାଳୟରେ ପହଞ୍ଚି ସ୍ମାରକପତ୍ର ପ୍ରଦାନ କରିବା ସହ ସେମାନଙ୍କ ସମସ୍ୟା ନେଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ସହରରେ ଭେଣ୍ଡିଂ ଜୋନ ପ୍ରତିଷ୍ଠା କରାଯିବା ସହ ସେମାନଙ୍କ ଦାବି ଉପରେ ରାଜ୍ୟ ଓ କେନ୍ଦ୍ର ସରକାର ବିଚାର କରିବା ଉଚିତ ବୋଲି କହିଥିଲେ । ଉଠାଦୋକାନୀ ମାନଙ୍କର ସାମାଜିକ ନିରାପତ୍ତା ପାଇଁ ପଥ ବିକ୍ରେତା କଲ୍ୟାଣ ବୋର୍ଡ ଗଠନ କରି ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ବିବାହ, ଦୁର୍ଘଟଣା ଜନିତ କ୍ଷତିପୂରଣ, ଅବସରକାଳୀନ ପେନସନ ବ୍ୟବସ୍ଥା ପାଇଁ ଦାବି ଉପସ୍ଥାପନ କରିଥିଲେ । ସେହିପରି ଖୁଚୁରା ବ୍ୟବସାୟରେ ବିଦେଶୀ ପୁଞ୍ଜି ନିବେଶକୁ ବିରୋଧ କରିଥିଲେ । ଏନଏସି ପକ୍ଷରୁ ସର୍ଭେ କରାଯିବା ସହ ସମସ୍ତ ଉଠା ଦୋକାନୀ ମାନଙ୍କୁ ପଞ୍ଜିକରଣ କରାଯାଇ ସେମାନଙ୍କୁ ଚିହ୍ନଟ କାର୍ଡ ଯୋଗାଇଦେବା ସମ୍ପର୍କରେ ଆଲୋଚନା ହୋଇଥିଲା । ପଥ ବିକ୍ରେତା ଜୀବନ ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ - ୨୦୧୪ ସଂସଦ ରେ ସର୍ବସମ୍ମତି ଭାବେ ଅନୁମୋଦିତ ହୋଇ ଆଇନ ତିଆରି ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏହି କେନ୍ଦ୍ରୀୟ ଆଇନର ପରିପନ୍ଥୀ ନିୟମାବଳୀ ପ୍ରଣୟନ ନକରି ଉଠା ଦୋକାନୀ ମାନଙ୍କୁ ଯନ୍ତ୍ରଣା ଦେଉଥିବା ସ୍ମାରକପତ୍ର ରେ ଉଲ୍ଲେଖ ରହିଛି । ତ୍ରିନାଥ ଠାକୁର ପଥ ବିକ୍ରେତା ସଂଘ ପକ୍ଷରୁ ଦଣ୍ଡପାଣି ବେହେରା, ସିମାଞ୍ଚଳ ବେହେରା, ବାବୁଲା ଚୌଧୁରୀ, ମନୋଜ ବେହେରା, ସନ୍ତୋଷ ସାହୁ, ଗୌରୀ ନାହାକ, ରାଜେନ୍ଦ୍ର କୁମାର ଚୌଧୁରୀ, ପ୍ରଫୁଲ୍ଲ ପଣ୍ଡା, ଅଶୋକ ଚୌଧୁରୀ, ନିଳାଞ୍ଚଳ ଚୌଧୁରୀ, ସନ୍ତୋଷ ଦାଶ, ସାନ୍ତୁନୁ ସ୍ୱାଇଁ, ଅଭି ବାଡ଼ତ୍ୟା, ଡମ୍ବରୁ ବେହେରା, ସିମାଞ୍ଚଳ ବେହେରା, ଶିବା ବେହେରା, ରାମ ପଟ୍ଟନାୟକ, ନମିତା ସାହୁ, ପ୍ରମିଳା ପ୍ରଧାନ, ସିମାଞ୍ଚଳ ପାତ୍ର, ଆର.ନରସିଂହ, କେ.ବୈରାଗୀ, କନକ ସାହୁ, ଭଗବାନ ସେଠୀ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟକ ଉଠା ଦୋକାନୀ ଅଂଶଗ୍ରହଣ କରିଥିଲେ ।

# ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ରଙ୍ଗେଇଲୁଣ୍ଡା,୨୮ ।୫(ସମିସ):** ଗଞ୍ଜାମ ଜିଲ୍ଲା ୧୬ ନମ୍ବର ଜାତୀୟ ରାଜପଥ ଗିରିସୋଲ ଠାରୁ ଜଗନ୍ନାଥପୁର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ଯନ୍ତା ପାଲଟିଛି । ଗତକାଲି ରାତିରେ ଗୋଳନ୍ଥରା ଥାନା ଅନ୍ତର୍ଗତ କନିସି ଗାଁ ନିକଟରେ ଅଜଣା ବୋଲର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ଆନ୍ଧ୍ରପ୍ରଦେଶ ରାଜ୍ୟର ଶ୍ରୀକାକୁଲମ ଜିଲ୍ଲା କତୁରୁ ଥାନା ଅଧିନସ୍ଥ କୁମାର ଭେଡି ଗ୍ରାମର କେ ମଧୁ (୨୩) । ସୂଚନା ଅନୁସାରେ ଶ୍ରୀକାକୁଲମ ଜିଲ୍ଲାର କୁମାର ଭେଡି ଗ୍ରାମର ଗଣେଶ ଓ କେ ମଧୁ ବାଇକ ଯୋଗେ କୋଣସି କାମ ନେଇ ବ୍ରହ୍ମପୁର ଆସିଥିଲେ । କାମ ସାରି ଗ୍ରାମକୁ ଫେରୁଥିବା ବେଳେ ଗୋଳନ୍ଥରା ଥାନା ଅଧିନସ୍ଥ କନିସି ଗ୍ରାମ ନିକଟରେ ଏକ ଅଜଣା ବୋଲର ଗାଡି ପଛପଟୁ ଧକ୍କା ଦେଇ ଚାଲି ଯାଇଥିଲା । ଫଳରେ ଗଣେଶ ଅଳ୍ପକେ ବର୍ତି ଯାଇଥିବା ବେଳେ ମଧୁ ଘଟଣା ସ୍ଥଳରେ ଅତ୍ୟଧିକ ରକ୍ତ ସ୍ରାବ ହୋଇ ମୃତ୍ୟୁ ବରଣ କରିଥିଲେ । ଖବର ପାଇଁ ପୁଲିସ ଘଟଣା ପହଞ୍ଚି ମୃତଦେହକୁ ଜବତ କରି ବ୍ରହ୍ମପୁର ବଡ଼ ମେଡିକାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠେଇ ଥିଲେ । ଗୋଳନ୍ଥରା ଥାନା ଲିଖିତ ଅଭିଯୋଗ କ୍ରମେ କେଶ ନମ୍ବର ୨୪୧/୨୪ ପ୍ରକାରେ ପୁଲିସ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକକୁ ହସ୍ତାନ୍ତର କରିଛି । ଅନ୍ୟ ପଟେ ଦୁର୍ଘଟଣା ଗ୍ରସ୍ତ ବାଇକ୍ ପୁଲିସ ନିଜ ହେପାଜତକୁ ନେଇଛି ।

# କନକ ଦୁର୍ଗା ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ



**ଗଞ୍ଜାମ,୨୮ ।୫(ସମିସ):** ଗଞ୍ଜାମ ସହର ସ୍ଥିତ ପୁଇଁତୋଳା ଗାଁରେ ଅବସ୍ଥିତ ମା' କନକ ଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ସୋମବାର ସନ୍ଧ୍ୟାରେ କଳସ ଯାତ୍ରା ପରେ ଏହି ଉପଲକ୍ଷେ ଚାରି ପ୍ରହର ନକ୍ଷମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି ଯଜ୍ଞରେ ଆଖପାଖ ଅଞ୍ଚଳର ବହୁ ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇ ନାମ ସଙ୍କୀର୍ତ୍ତନ ଗାନ କରିଥିଲେ । ଦିନ ତମାମ ମା'ଙ୍କ ପୀଠରେ ଦର୍ଶନ ପାଇଁ ବହୁତ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ମା'ଙ୍କ ବିଗ୍ରହକୁ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ସନ୍ଧ୍ୟାରେ ନଗର ପରିକ୍ରମା କରାଯାଇଥିଲା । ପରେ ପୂର୍ଣ୍ଣାହୁତି ହୋଇଥିଲା । କାର୍ଯ୍ୟକ୍ରମରେ ବଣିକ ସଙ୍ଘ ସଭାପତି ତଥା ବିଜେଡି ନେତା ଗୌରୀ ଶଙ୍କର ବାରିକି, ଅଜୟ କୁମାର ବାରିକି, ସୁବାଷ ପଲାଇ, ପଙ୍କଜ ବାରିକି, ରାଜୁ ବାରିକି, ଗୁଗୁନା ବାରିକି, ଜୟକୃଷ୍ଣ ବାରିକି, ଲକ୍ଷ୍ମଣ ପଲାଇ ପ୍ରମୁଖଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ କରିଥିଲେ ।

# ପୋତାଗଡ଼ ଦୁର୍ଗରେ ପର୍ଯ୍ୟଟକଙ୍କ ଭିଡ଼



**ଗଞ୍ଜାମ,୨୮ ।୫(ସମିସ):** ଗଞ୍ଜାମ ସହର ଐତିହାସିକ ଦୁର୍ଗ ପୋତାଗଡ଼ରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି । ପୂର୍ବରୁ କିଛି ବର୍ଷପାଇଁ ଗଡ଼ର ସୌନ୍ଦର୍ଯ୍ୟକରଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପର୍ଯ୍ୟଟକ ମାନଙ୍କୁ ଗଡ଼ ମଧ୍ୟକୁ ବାରଣ କରାଯାଇଥିଲା । ମୁଖ୍ୟ ଫାଟକ ବନ୍ଦ ରହୁଥିଲା । ହେଲେ କିଛି ମାସ ହେଲା ପର୍ଯ୍ୟଟକ ମାନଙ୍କୁ ଗଡ଼ ମଧ୍ୟକୁ ଛଡାଯାଉଥିବା ଲକ୍ଷ୍ୟ କରାଯାଇଛି । ଯାହାକୁନେଇ ବିଶେଷକରି ସନ୍ଧ୍ୟା ସମୟରେ ଭିଡ଼ ଜାମୁଥିବା ଦେଖିବାକୁ ମିଳୁଛି । ପର୍ଯ୍ୟଟକ ମାନେ ଗଡ଼ ମଧ୍ୟରେ ସେଲ୍ଫି ନେବା ସହ ଗ୍ରୁପ ଫୋଟ ଉତ୍ତୋଳନ କରୁଥିବା ଲକ୍ଷ୍ୟ କରାଯାଉଛି । ସୋରିଙ୍ଗ ଗର୍ତ୍ତ, ଘୋଡାଶାଳ, ଅସ୍ତ୍ରାଗାର, ଠାକୁରାଣୀ ମନ୍ଦିର ରାଜ ନଅର ବୁଲି ଦେଖିବା ସହ ନିକଟରେ ବହିଯାଉଥିବା ପୁଣ୍ୟତୋୟା ନଦୀର ପ୍ରାକୃତିକ ପରିବେଶ ଉପଭୋଗ କରୁଥିବା ଦେଖାଯାଇଛି । ନଦୀକୂଳରେ ଥଣ୍ଡା ପବନ ସାଙ୍ଗକୁ ନଦୀରେ ଦଳ ଦଳ ହୋଇ ବିଚରଣ, ଜଳକ୍ରୀଡ଼ା ଓ ଉଡାମାରୁଥିବା କରୁଥିବା ପକ୍ଷୀ ମାନଙ୍କ ପ୍ରତି ପର୍ଯ୍ୟଟକ ଆକୃଷ୍ଟ ହେଉଛନ୍ତି । ସେହିପରି ପୋତାଗଡ଼ ଦୁର୍ଗ ଉପରୁ ଅନତି ଦୂରରେ ଦେଖାଯାଉଥିବା ସମୁଦ୍ର ଅବଲୋକନ କରି ପର୍ଯ୍ୟଟକ ମାନେ ଖୁସି ଜାହିର କରୁଥିବା ପରିଲକ୍ଷିତ ହେଉଛି । ସମ୍ପ୍ରତି ସ୍କୁଲ ଓ କଲେଜ ଛୁଟି ରହୁଥିବାରୁ ବିଦ୍ୟାର୍ଥୀ ମାନଙ୍କ ଭିଡ଼ ଦେଖିବାକୁ ମିଳିଛି ।

# ମୋବାଇଲ ଟାୱାର ପୋଡ଼ିଦେଲେ ମାଓବାଦୀ

**ମାଲକାନଗିରି,୨୮ ।୫(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ରାଜ୍ୟ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ନକ୍ସଲମାନେ ମୋବାଇଲ ଟାୱାରରେ ନିଆଁ ଲଗାଇ ପୋଡ଼ିଦେଇଛନ୍ତି । ସୂଚନା ଅନୁଯାୟୀ, ଛତିଶଗଡ଼ର ନାରାୟଣପୁର ଜିଲ୍ଲା ଛୋଟେଡଙ୍ଗର ଥାନା ଅନ୍ତର୍ଗତ ଗୌରଦଣ୍ଡ ଏବଂ ଚାମେଲୀ ମଧ୍ୟରେ ଏକ ନୂତନ ଭାବେ ନିର୍ମିତ ମୋବାଇଲ ଟାୱାରକୁ ସଶସ୍ତ୍ର ନକ୍ସଲମାନେ ରବିବାର ରାତିରେ ଟାୱାରଟିରେ ନିଆଁ ଲଗାଇ ପୋଡ଼ିଦେବା ସହ ସେଠାରେ ମାଓ ବ୍ୟାନର, କିଛି ହାତ ଲେଖା ଚିଠି ପକାଇଥିବା ଦେଖିବାକୁ ମିଳିଛି । ଏହି ଖବର ନାରାୟଣପୁର ପୁଲିସକୁ ମିଳିବା ପରେ ନାରାୟଣପୁର ଏସପିଙ୍କ ନିର୍ଦ୍ଦେଶ କ୍ରମେ ସୁରକ୍ଷାବାହିନୀର ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ କରୁଥିବା ଜଣାପଡ଼ିଛି ।

# ଏକଦିବସୀୟ ବୈଷୟିକ କୌଶଳ ବିକାଶ କର୍ମଶାଳା




**ମାଲକାନଗିରି,୨୮ ।୫(ସମିସ):** ସରକାରୀ ବହୁବୃତ୍ତି ଅନୁଷ୍ଠାନ ମଲକାନଗିରିର ନିର୍ମାଣ ବିଭାଗ ଏବଂ ପ୍ରତିଷ୍ଠିତ ସିମେଣ୍ଟ ଉତ୍ପାଦନକାରୀ ସଂସ୍ଥା ଅଲଟ୍ରାଟେକ୍ ସିମେଣ୍ଟ ସହେଯୋଗରେ ମିଳିତ ଭାବେ ଆୟୋଜିତ ଏକ ଦିବସୀୟ ବୈଷୟିକ କୌଶଳ ବିକାଶ କର୍ମଶାଳା ଅନୁଷ୍ଠିତ ହୋଯାଇଛି । ଏହି କର୍ମଶାଳାରେ ମାଲକାନଗିରି ଜିଲ୍ଲାର ୩୫ ଜଣ ନିର୍ମାଣ ଶ୍ରମିକ ଏବଂ ମିସ୍ତ୍ରି ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଅତ୍ୟାଧୁନିକ ନିର୍ମାଣ କୌଶଳ ସମ୍ବନ୍ଧିତ ତାଲିମ ପ୍ରଦାନ କରାଯାଇଥିଲା । ଅଲଟ୍ରାଟେକ୍ ସିମେଣ୍ଟ ତରଫରୁ ଅଂଶଗ୍ରହଣ ପ୍ରମାଣପତ୍ର ଏବଂ ନିର୍ମାଣ ସହାୟତାକାରୀ କିଟ୍ ପ୍ରଦାନ କରାଯାଇଥିଲା । ଏହି କୌଶଳ ବିକାଶ କର୍ମଶାଳାରେ ସରକାରୀ ବହୁବୃତ୍ତି ଅନୁଷ୍ଠାନର ଅଧକ୍ଷ ଇଂ ଜ୍ଞାନ ରଞ୍ଜନ ଦାସ, ନିର୍ମାଣ ବିଭାଗର ବିଭାଗୀୟ ମୁଖ୍ୟ ଇଂ ପ୍ରୀତିରଞ୍ଜନ ପ୍ରୀୟଦର୍ଶୀ ପାତ୍ର ଏବଂ ଅନୁଷ୍ଠାନର ଅତିଥି ଶିକ୍ଷକ ପି. ଶଙ୍କର ରାଓ ଓ ଲକ୍ଷ୍ମୀଧର ସାହୁ ପ୍ରମୁଖ ସହଯୋଗ କରିଥିଲେ । କର୍ମଶାଳାରେ ଅଲଟ୍ରାଟେକ୍ ସିମେଣ୍ଟ ତରଫରୁ ଇଂ ଅମିତ କୁମାର ଦାସ, ଟେରିଟୋରୀ ମ୍ୟାନେଜର (ଟେକ୍ନିକାଲ) ଇଂ ବିଶ୍ୱଜିତ ସ୍ୱାଇଁ, ଇଂ ସଞ୍ଜୟ ଗୋସ୍ୱାମୀ ଏବଂ ଶୁଶିଲକାନ୍ତ ସ୍ୱାଇଁ କର୍ମଶାଳା ପରିଚାଳନା କରିଥିଲେ । କର୍ମଶାଳା ଶେଷରେ ସରକାରୀ ବହୁବୃତ୍ତି ଅନୁଷ୍ଠାନର ନିର୍ମାଣ ବିଭାଗର ବିଭାଗୀୟ ମୁଖ୍ୟ ଇଂ ପ୍ରୀତିରଞ୍ଜନ ପ୍ରୀୟଦର୍ଶୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଟ୍ରକ୍‌କୁ ପଛରୁ ପିଟିଲା ଟ୍ରକ୍: ଜଣେ ଚାଳକଙ୍କ ମୃତ୍ୟୁ

**ନୂଆପଡ଼ା/ବୋଡେନ, ୨୮ ।୫(ସମିସ):** ନୂଆପଡ଼ା ଜିଲ୍ଲା ବୋଡ଼େନ ଥାନା ଅଧୀନ ଖଇରା ଗାଁ ନିକଟସ୍ଥ ଅମେରା ଛକ ବିଜୁ ଏକ୍ସପ୍ରେସ ୱେରେ ଦୁର୍ଘଟଣା ଘଟିଛି । ନୂଆପଡ଼ା ପଟୁ ରାୟଗଡ଼ା ଅଭିମୁଖେ ଯାଉଥିବା ଏକ ଟ୍ରକ୍ (ଗାଡି ନମ୍ବର ଓଡି ୧୮ -କେ ୫୩୭୮) ଆଗରେ ଥିବା ଏକ ଟ୍ରକ୍‌କୁ ପଛ ପଟୁ ଧକ୍କା ଦେଇଛି । ଏଥିରେ ଜଣେ ଟ୍ରକ୍ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ମୃତ ଗାଡି ଚାଳକ ହେଉଛନ୍ତି ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକମାଣ୍ଡିବିସୀ ଗ୍ରାମର ତିରୁପତି ସିଂ । ମଙ୍ଗଳବାର ବଡ଼ି ଭୋରରୁ ଆଗ ପଛ ହୋଇ ଦୁଇଟି ଗାଡି ଦ୍ରୁତ ଗତିରେ ଯାଉଥିଲେ । ସେଥିମଧ୍ୟରୁ ପଛରେ ଯାଉଥିବା ଟ୍ରକ୍ ଭାରସାମ୍ୟ ହରାଇ ଆଗରେ ଯାଉଥିବା ଟ୍ରକ୍‌କୁ ଧକ୍କା ଦେଇଥିଲା । ଖବର ପାଇ ବୋଡ଼େନ ଅଗ୍ନିଶମ ବିଭାଗ ଓ ବୋଡେନ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କ ସହ ଗୁରୁତର ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ବୋଡେନ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ଡ୍ରାଇଭର ତିରୁପତିଙ୍କୁ ମୃତ ଘୋଷଣା କରିଥିଲେ ।

■ ପଞ୍ଚମ ଦିନରେ ରମ୍ଭା ଚନ୍ଦନ ଯାତ୍ରା

# ମନ ମହୁଛି ପାତାଳ ଭୈରବୀ ବେଶ



**ରମ୍ଭା,୨୯ ।୫(ସମିସ):** ରମ୍ଭା ଚନ୍ଦନ ଯାତ୍ରା ପଞ୍ଚମ ଦିନରେ ପହଁଚିଛି । ଯାତ୍ରାକୁ ଉପଭୋଗ କରିବା ପାଇଁ ବହୁ ଉଚ୍ଚତା ସଂମ୍ପର୍ଣ୍ଣ ତୋରଣ ସାଙ୍ଗକୁ ମେଢ଼ ନିର୍ମାଣ ରାସ୍ତା ପାଶ୍ୱର୍ରେ ସାହିବସ୍ତି ମୁହଁରେ ଦଣ୍ଡାୟମାନ ହୋଇଛନ୍ତି । ପଞ୍ଚମ ଦିନରେ ସହରକୁ ରଙ୍ଗ ବେରଙ୍ଗର ଆଲୋକମାଳାରେ ଚିକମିକ କରାଯାଇଛି । ପ୍ରତ୍ୟହ ସନ୍ଧ୍ୟାରେ ଠାକୁର ମଦନ ମୋହନଙ୍କୁ ସବାରୀରେ ନିଆଯାଇ ଚାପ ଖେଳ ସହ ଚନ୍ଦନ ପୋଖରୀରେ ସ୍ନାନ କରାଯାଇ ଘଣ୍ଟ, ମୃଦଙ୍ଗ, ବାଜା, ସଂକୀର୍ତ୍ତନ ମାଧ୍ୟମରେ ପହଣ୍ଡି ବିଜେ କରାଯାଇ ସାହି ବସ୍ତି ପରିଭ୍ରମଣ କରାଯାଉଛି । ଦିନରେ ଖରା ଗରମକୁ ଦର୍ଶକଙ୍କ ଭିଡ଼ ଧିମେଇ ଯାଇ ସନ୍ଧ୍ୟା ୫ ଘଣ୍ଟିଆ ପରେ ଆସ୍ତେ ଆସ୍ତେ ବୃଦ୍ଧି ଘଟୁଥିବା ଲକ୍ଷ୍ୟ କରାଯାଇଛି । ଦିନରେ ତାତି ବଢୁଥିଲେ ମଧ୍ୟ ପବନ କିଛି ମାତ୍ରାରେ ବହି ଗରମକୁ ଥଣ୍ଡା କରୁଥିବା ଓ ଦିନ ବେଳା ରାସ୍ତା ଘାଟ ଶୂନଶାନ ଦେଖାଯାଉଛି । ବିଶେଷ କରି ମାନସିକ ଧାରୀଙ୍କ ବେଶ ଅଧିକ ଆକର୍ଷିତ କରୁଛି । ବିଳମ୍ବିତ ରାତ୍ରରେ ସ୍ଥାନେ ସ୍ଥାନେ ଗୋଟି ପୁଅ ନାଚ, ଭାରତଲୀଳା ପରିବେଷଣ ହେଉଛି ।

# ଦୁରାବସ୍ଥାରେ ବସ୍‌ଷ୍ଟାଣ୍ଡ ପରିସ୍ରାଗାର

● ଯାତ୍ରୀ ହନ୍ତସନ୍ତ

**ବୁଗୁଡ଼ା,୨୮ ।୫(ସମିସ):** ସ୍ଥାନୀୟ ନୂଆ ବସଷ୍ଟାଣ୍ଡରେ ଏନ୍‌ଏସି ପକ୍ଷରୁ ନିର୍ମିତ ପରିସ୍ରାଗାର ଅତି ଖରାପ ଅବସ୍ଥାରେ ରହିଥିବା ଦେଖିବାକୁ ମିଳୁଛି । ଆବଶ୍ୟକୀୟ ରକ୍ଷଣାବେକ୍ଷଣର ଅଭାବରୁ ଉଭୟ ପୁରୁଷ ଓ ମହିଳାଙ୍କ ନିମନ୍ତେ ରହିଥିବା ପରିସ୍ରାଗାର ବ୍ୟବହାର ଅନୁପଯୋଗୀ ହୋଇପଡିଛି । ପାଣିର ଅଭାବ ଏବଂ ଅସ୍ୱଚ୍ଛତା ଯୋଗୁଁ ପରିସ୍ରାଗାର ଦୁର୍ଗନ୍ଧର ଆଗାର ପାଲଟିଛି । ଆଭ୍ୟନ୍ତରୀଣ ଅବ୍ୟବସ୍ଥା ସମ୍ପର୍କରେ ଅବଗତ ନଥିବା କୌଣସି ଯାତ୍ରୀ ଭୁଲବଶତଃ ପରିସ୍ରା କରିବା ପାଇଁ ଏହା ମଧ୍ୟକୁ ପ୍ରବେଶ କରିଲେ ପରିସ୍ରା କରିବା ବଦଳରେ ବାନ୍ତି କରି ଫେରିବାକୁ ପଡୁଛି । ତେଣୁ ପୁରୁଷ ଯାତ୍ରୀମାନେ ବସଷ୍ଟାଣ୍ଡ ପରିସରସ୍ଥ ପାଚେରୀ କଡରେ ପରିସ୍ରା କରିବାକୁ ବାଧ ହେଉଥିବା ବେଳେ ମହିଳା ଯାତ୍ରୀମାନେ ନାନା ପ୍ରକାର ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି । ପ୍ରତ୍ୟେକ ଦିନ ବସଷ୍ଟାଣ୍ଡକୁ ଆସୁଥିବା ଶହ ଶହ ଯାତ୍ରୀ ପରିସ୍ରା କରିବା ପାଇଁ ଏଭଳି ହନ୍ତସନ୍ତ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିବା ବେଳେ କୋଣସି ସୁଫଳ ମିଳୁନାହିଁ । ଅବ୍ୟବସ୍ଥିତ ପରିସ୍ରାଗାର ଯୋଗୁଁ ବିଶେଷ କରି ମହିଳା ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏନଏସି କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି ହେଉଛି ।

# ଯୁକ୍ତ ଦୁଇ କଳାରେ ୮୫% ଓ ବାଣିଜ୍ୟରେ ୯୦% ପାସ୍

**ମାଲକାନଗିରି,୨୮ ।୫(ସମିସ):** ଯୁକ୍ତ ଦୁଇ କଳା ଓ ବାଣିଜ୍ୟର ଫଳାଫଳ ପ୍ରକାଶିତ ହୋଇଥିବାବେଳେ ମାଲକାନଗିରି ଜିଲ୍ଲା ସଦର ମହକୁମା ମାଲକାନଗିରି କଲେଜରେ ପାସହାର କଳାରେ ପ୍ରାୟ ୮୫ ପ୍ରତିଶତ ଥିବାବେଳେ ବାଣିଜ୍ୟରେ ୯୦ ପ୍ରତିଶତ ଥିବା ଦେଖିବାକୁ ମିଳିଛି । ତେବେ ଚଳିତ ବର୍ଷ କଳାରେ ମୋଟ ୩୫୫ ଜଣ ପରୀକ୍ଷା ନିମନ୍ତେ ଆବେଦନ ପତ୍ର ଦେଇଥିବାବେଳେ ସେଥିମଧ୍ୟରୁ ୩୦୫ ଜଣ ପାସ୍ ହୋଇଛନ୍ତି ଓ ଦୁଇଜଣ ପରୀକ୍ଷାରେ ଅନୁସ୍ଥିତ ଥିଲେ । ବଳକା ୪୮ ଜଣ ଫେଲ୍ ହୋଇଥିବା ଦେଖିବାକୁ ମିଳିଛି । ଏହି କଳା ପରୀକ୍ଷାରେ ୨୬ ଜଣ ପ୍ରଥମ, ୪୪ ଜଣ ଦ୍ୱିତୀୟ ଓ ୨୩୫ ଜଣ ତୃତୀୟ ସ୍ଥାନରେ ପାସ୍ ହୋଇଛନ୍ତି । ସେହିପରି ବାଣିଜ୍ୟରେ ମୋଟ ୧୧୯ ଜଣ ପରୀକ୍ଷା ପାଇଁ ଆବେଦନ ପତ୍ର ଦେଇଥିବାବେଳେ ସେଥିମଧ୍ୟରୁ ୩ ଜଣ ଅନୁପସ୍ଥିତ ଥିଲେ ଏବଂ ୧୨ ଜଣ ଫେଲ୍ ହୋଇଛନ୍ତି । ଏଥିସହ ବାଣିଜ୍ୟରେ ୧୭ ଜଣ ପ୍ରଥମ, ୨୫ ଜଣ ଦ୍ୱିତୀୟ ଓ ୬୨ ଜଣ ତୃତୀୟ ସ୍ଥାନରେ ପାସ୍ ହୋଇଛନ୍ତି ।




## ଗାଁ ଆମ୍ବ ପସରା ଷ୍ଟଲ ଉଦ୍‌ଘାଟିତ

# ବଜାରଠାରୁ କମ୍ ଦରରେ ମିଳିବ ଗଛ ପାଚିଲା ସୁଆଦିଆ ଆମ୍ବ





**କୋରାପୁଟ,୨୮ ।୫(ସମିସ):** କୋରାପୁଟ ବଜାରରେ ଖୋଲିଲା ଆମ୍ବର ପସରା । କାପକୋ ତରଫରୁ କୋରାପୁଟ କଳାନିକେତନ ଛକଠାରେ ଗାଁ ଆମ୍ବ ପସରା ଷ୍ଟଲ ଉଦଘାଟିତ ହୋଇଯାଇଛି । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ମହିଳା ଓ ଉତ୍ପାଦକ ସଂଘ ପକ୍ଷରୁ ଜିଲ୍ଲାର ବୋରିଗୁମ୍ମା, ଲକ୍ଷ୍ମୀପୁର, ନନ୍ଦପୁର ଓ ଅନ୍ୟାନ୍ୟ ଅଞ୍ଚଳରୁ ବିଭିନ୍ନ ପ୍ରକାରର ଆମ୍ବ ସଂଗ୍ରହ କରାଯାଇଛି । ଲୋକମାନେ ଯେପରି ଉଚିତ ମୂଲ୍ୟରେ ଆମ୍ବ କ୍ରୟ କରିପାରିବେ ଏବଂ ଚାଷୀ ଉଚିତ୍ ମୂଲ୍ୟ ପାଇପାରିବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି ବୋଲି ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ କହିଛନ୍ତି । ବଜାରରେ ରାସାୟନିକ ମିଶ୍ରଣ ଆମ୍ବ ମିଳୁଥିବାବେଳେ ଗ୍ରାହକ ଗଛ ପାଚିଲା ସୁଆଦିଆ ଆମ୍ବ ବଜାରରେ ଖୋଜୁଛନ୍ତି । କୋରାପୁଟ ଜିଲ୍ଲାରୁ ଗଛ ପାଚିଲା ସୁଆଦିଆ ଆମ୍ବ ସଂଗ୍ରହ କରି କାପକୋ ତରଫରୁ କୋରାପୁଟ ସହରରେ ବିକ୍ରି ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି । ଜିଲ୍ଲାର ଆମ୍ବଚାଷୀଙ୍କୁ ସେମାନଙ୍କ ଉତ୍ପାଦର ଉଚିତ୍ ଦର ମିଳିବା ସହ ଆଗକୁ ସାବିତ୍ରୀ ଅମାବାସ୍ୟାରେ ଗ୍ରାହକ ମଧ୍ୟ ଉଚିତ୍ ଦରରେ ଆମ୍ବ ପାଇବା ଲକ୍ଷ୍ୟରେ ଆମ୍ବ ବିକ୍ରୟ କେନ୍ଦ୍ର ଗାଁ ଆମ୍ବ ପସରା ଉଦଘାଟିତ ହୋଇଥିବା ସେ କହିଛନ୍ତି । ଏହି ଅସ୍ଥାୟୀ ଷ୍ଟଲରେ ବିଭିନ୍ନ ପ୍ରକାରର କୋରାପୁଟିଆ ଆମ୍ବ ବାଇଗଣପଲ୍ଲୀ, ଆମ୍ରପଲ୍ଲୀ, ମଲ୍ଲିକା, ଲେଙ୍ଗଡ଼ା, ଦଶେରୀ ଓ ସୁନ୍ଦରୀ ଆମ୍ବ ବିକ୍ରି କରାଯାଉଥିବା ଜଣାପଡ଼ିଛି । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଓରମାସ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୋସନ କାର୍ତ୍ତିକ ଓ ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆଗକୁ ସାବିତ୍ରୀ ଅମାବାସ୍ୟା ରହିଥିବାରୁ ଉକ୍ତ ଷ୍ଟଲରେ ମହିଳାମାନେ ଅଧିକ ସଂଖ୍ୟାରେ ଉପସ୍ଥିତ ରହି ଆମ୍ବ କ୍ରୟ କରୁଥିବା ଦେଖିବାକୁ ମିଳିଥିଲା । କାପକୋ ସିଇଓ ଗୁରୁ ବୁରୁଡି ଯୋଗଦେଇ ପରିଚାଳନା କରିଥିଲେ ।




# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର




**ନବରଙ୍ଗପୁର,୨୮ ।୫(ସମିସ):** ମଙ୍ଗଳବାର ନବରଙ୍ଗପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ଜିଲ୍ଲା କୋର୍ଟ ପରିସରରେ 'କଠିନ ବର୍ଜ୍ୟବସ୍ତୁ ପରିଚାଳନା' ବିଷୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ଜିଲ୍ଲା ଦୌରାଜଜ୍ ଶିବ ପ୍ରସାଦ ମିଶ୍ର ମଞ୍ଚାସୀନ ହୋଇ ଉକ୍ତ ସମସ୍ତ ବିଷୟ ଉପରେ ଆଲୋକପାତ କରିଥିଲେ । ଅନ୍ୟାନ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଜନକ ରାଉତ, ବରିଷ୍ଠ ଦେୱାନୀ ଜଜ୍ ରାଜୀବ ଲୋଚନ ସାହୁ, ବରିଷ୍ଠ ଦେୱାନୀ ଜଜ୍ (ମହିଳା କୋର୍ଟ) ସୁଦୀପା ପାତ୍ର, ପ୍ରଥମ ଶ୍ରେଣୀ ବିଭାଗୀୟ ବିଚାରପତି ରାଜେଶ ମିଶ୍ର, ଆଇନଜୀବୀ ସଂଘର ସଭାପତି ନରସିଂହନାଥ ତ୍ରିପାଠୀ, ଜିଲ୍ଲା ଆଇନଜୀବୀ ସଂଘର ସମ୍ପାଦକ ତପନ ସିଂହ, ମନୋଜ କୁମାର ଦତ୍ତଙ୍କ ସମେତ ବହୁ ଆଇନଜୀବୀ ଯୋଗଦେଇଥିଲେ । ପରିଶେଷରେ ଆଇନଜୀବୀ ରାଜ କିଶୋର ନାଗ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ଜନକ ରାଉତ ଶିବିର ପରିଚାଳନା କରିଥିଲେ ।



# ୨୪ ବର୍ଷ ପୂର୍ବେ କ୍ରୟ ଜମିର ପତ୍ତା ମିଳୁନି !

**ବ୍ରହ୍ମପୁର, ୨୮ ।୫(ସମିସ):** ଆଜକୁ ୨୪ବର୍ଷ ପୂର୍ବେ କ୍ରୟ କରାଯାଇଥିବା ଏକ ଜମି ଗାଏବ ହୋଇଯାଇଥିବା ଜଣାପଡ଼ିଛି । ଦୀର୍ଘବର୍ଷ ପରେ ଜମିର କିସମ ପରିବର୍ତ୍ତନ ପାଇଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆବେଦନ ପରେ ଉକ୍ତ ଜମିର ପତ୍ତା ମିଳୁନଥିବା ଅଭିଯୋଗ ହୋଇଛି । ଜମି ବିକ୍ରି କରିଥିବା ଲୋକମାନେ ସେହି ସମୟରେ କାଗଜପତ୍ର ଜାଲିଆତି କରି ତାଙ୍କ ଠାରୁ ଟଙ୍କା ଠକି ନେଇଥିବା ଅଭିଯୋଗକାରୀ ଜାଣିବାକୁ ପାଇଛନ୍ତି । ଘଟଣାକୁ ନେଇ ସେ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନା ପ୍ରକାରେ, ବିଜିପୁର କେନାଲ ସାହିର ସୁବାଷଚନ୍ଦ୍ର ସାହୁ ଆଜକୁ ୨୪ବର୍ଷ ପୂର୍ବେ ଅର୍ଥାତ ୨୦୦୦ମସିହାରେ ଆଙ୍କୁଶପୁର ଅଞ୍ଚଳରେ ଏକ ଜମି କିଣିଥିଲେ । ସେହି ଅଞ୍ଚଳର ୨ଜଣ ବ୍ୟକ୍ତି ତଥା ଉକ୍ତ ଜମିର ମାଲିକଙ୍କ ଦାବି ମୁତାବକ ଟଙ୍କା ମଧ୍ୟ ନେଇଥିଲେ । ତେବେ ବ୍ରହ୍ମପୁରରୁ ବାହାରେ ରହିଥିବାରୁ ଜମି କିଣିବାରୁ ବହୁ ବର୍ଷ ପର୍ଯ୍ୟନ୍ତ ଉକ୍ତ ଜମିର କିସମ ପରିବର୍ତ୍ତନ କରିନଥିଲେ । ଆଜକୁ କିଛିମାସ ପୂର୍ବେ ସେ କିସମ ପରିବର୍ତ୍ତନ ପାଇଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ । ହେଲେ ସୁବାଷ ଚନ୍ଦ୍ରଙ୍କ ନାମରେ ଉକ୍ତ ସ୍ଥାନରେ କୌଣସି ଜମି ନଥିବା ରାଜସ୍ୱ ନିରୀକ୍ଷକଙ୍କ ଠାରୁ ସୂଚନା ପାଇଥିଲେ । ଏହାପରେ ବ୍ରେକତାମାନେ ସେତେବେଳେ ନକଲି କାଗଜପତ୍ର ପ୍ରସ୍ତୁତ କରି ଜମି ବିକ୍ରି କରିବା ସହ ତାଙ୍କ ଠାରୁ ଟଙ୍କା ଠକି ନେଇଥିବା ସୁବାଷ ଜାଣିବାକୁ ପାଇଥିଲେ । ସେହି କ୍ରମରେ ସେ ୨ଜଣ ବକ୍ରେତାଙ୍କ ନାଁରେ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଜାରି ରଖିଛି ।

# ନିଜ ସଂସ୍ଥାରୁ ୨୫ ଲକ୍ଷ ଆତ୍ମସାତ୍ କରି କର୍ମଚାରୀ ଗିରଫ

**ବ୍ରହ୍ମପୁର, ୨୮ ।୫(ସମିସ)**

ସ୍ଥାନୀୟ ବ୍ୟବସାୟୀକ ସଂସ୍ଥା ଆର.ଏସ ଗ୍ରୁପ ଅଧିନରେ ପରିଚାଳିତ (ଆର.ଏସ.ଡିଷ୍ଟ୍ରିବ୍ୟୁଟର) ଓ (ଆର.ଏସ. ଟ୍ରେଡର୍ସ) ଭଳି ଦୁିଟି ସଂସ୍ଥାରୁ ପ୍ରାୟ ୨୫ଲକ୍ଷ ଟଙ୍କା ଆତ୍ମସାତ କରିନେଇଥିବା ଅଭିଯୋଗରେ ଟାଉନ ଥାନା ପୁଲିସ ସମ୍ପୃକ୍ତ ସଂସ୍ଥାର ଜଣେ କର୍ମଚାରୀକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ପ୍ରେମନଗର ୭ମ ଲାଇନ ନିବାସୀ କିଶୋର କୁମାର ସାହୁ(୩୬) । କିଶୋର ଗାନ୍ଧୀନଗର ୩ୟ ଲାଇନରେ ଥିବା ଆରଏସ ଗ୍ରୁପର ଜଣେ କର୍ମଚାରୀ । ସୂଚନାଯୋଗ୍ୟ ଯେ, ଆର.ଏସ ଡିଷ୍ଟ୍ରିବ୍ୟୁଟର ଓ ଆର.ଏସ ଟ୍ରେଡର୍ସର ଗାନ୍ଧୀନଗରରେ ମୁଖ୍ୟ କାର୍ଯ୍ୟାଳୟ ଥିବା ବେଳେ ଗୋପାଳପୁର ଓଭରବ୍ରିଜ ନିକଟରେ ୨ଟି ସେଲ୍ସ ପଏଣ୍ଟ ରହିଛି । ଏହି ସଂସ୍ଥା ଗଞ୍ଜାମ, ଗଜପତି, କନ୍ଧମାଳ ଓ ରାୟଗଡ଼ା ସମେତ ଅନ୍ୟାନ୍ୟ ଜିଲ୍ଲାରେ ହାଭେଲସ, ଜେମ୍ସ, ବ୍ଲ୍ୟୁ ଷ୍ଟାର, ବଟର ଫ୍ଲାଇ, ଆକ୍ୱାଗାର୍ଡ, ପିଜିଅନ, ବିପିଏଲ ଭଳି ବିଭିନ ନାମୀଦାମୀ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ବ୍ୟବସାୟ କରୁଛି । କିଶୋର ଏହି ସଂସ୍ଥାରେ ଆଜକୁ ଦିର୍ଘ ୧୦ବର୍ଷ ଧରି ସେଲ୍ସ ମ୍ୟାନ ଭାବେ କାର୍ଯ୍ୟ କରି ଆସୁଥିଲେ । କିଶୋର ବିଭିନ୍ନ ଖୁଚୁରା ବ୍ୟବସାୟୀଙ୍କୁ ସାମଗ୍ରୀ ଯୋଗାଇବା ସହ ସେମାନଙ୍କ ଠାରୁ ଟଙ୍କା ଆଦାୟ କରି ପରେ ତାହାକୁ ସଂସ୍ଥାର ଆକାଉଣ୍ଟରେ ଜମା କରୁଥିଲେ ।

ଗତ ମାର୍ଚ୍ଚ ମାସରେ ସଂସ୍ଥାର ଆୟବ୍ୟୟ ହିସାବ ବେଳେ ପ୍ରଥମେ ୧୪ଲକ୍ଷ ୮୫ହଜାର ୭୩୩ଟଙ୍କା ତାଳମେଳ ନଥିବା ଜଣାପଡ଼ିଥିଲା । ଏନେଇ ସଂସ୍ଥା ପକ୍ଷରୁ ଯାଞ୍ଚ କରାଯିବା ପରେ ଖୁଚୁରା ବ୍ୟବସାୟୀମାନେ କିଶୋରଙ୍କୁ ଟଙ୍କା ଦେଇସାରିଥିବା ଜଣାପଡ଼ିଥିଲା । ଏପରିକି କିଶୋର ଖୁଚୁରା ବ୍ୟବସାୟୀଙ୍କୁ ସଂସ୍ଥାର ରସିଦ ମଧ୍ୟ ପ୍ରଦାନ କରିଥିଲେ । ଏବଂ ନିଜର ବ୍ୟକ୍ତିଗତ ଆକାଉଣ୍ଟରେ ଅନଲାଇନ ଓ ନଗଦ ଆକାରରେ ଟଙ୍କା ଜମା ସଂଗ୍ରହ କରିଥିବା ଜଣାପଡ଼ିଥିଲା । ଏନେଇ କିଶୋରଙ୍କୁ ପଚରାଉଚରା କରାଯିବା ପରେ ସେ ଖୁଚୁରା ବ୍ୟବସାୟୀଙ୍କ ଠାରୁ ଟଙ୍କା ସଂଗ୍ରହ କରିଥିଲେ ମଧ୍ୟ ସଂସ୍ଥାରେ ଉକ୍ତ ଟଙ୍କା ଜମା କରିନଥିବା ଗତ ଏପ୍ରିଲ ୫ତାରିଖରେ ସଂସ୍ଥାର ପରିଚାଳକଙ୍କ ନିକଟରେ ସ୍ୱୀକାର କରିଥିଲେ ।

ଅଧିକ ଯାଞ୍ଚବେଳେ ଗତ କିଛି ମାସ ଭିତରେ କିଶୋର ମୋଟ ୨୫ଲକ୍ଷ ଟଙ୍କାର ଘୋଟାଲା କରିଥିବା ଜଣାପଡ଼ିଥିଲା । ସେ ଏପ୍ରିଲ ୫ତାରିଖରେ ନିଜ ଦୋଷ ସ୍ୱୀକାର କରିବା ସହ କିଛି ଦିନ ମଧ୍ୟରେ ସମସ୍ତ ଟଙ୍କା ଫେରାଇ ଦେବେ ବୋଲି ଲିଖିତ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ତେବେ ସେହି ଦିନଠାରୁ ସେ ସଂସ୍ଥାରେ ଅନୁପସ୍ଥିତ ଥିଲେ । ଏହାପରେ



ସଂସ୍ଥାର ମ୍ୟାନେଜର ଜିପେନ କୁମାର ପାଢ଼ୀ କିଶୋରଙ୍କୁ ବାରମ୍ବାର ଯୋଗାଯୋଗ କରିବା ପରେ ମଧ୍ୟ ସେ ଫୋନ ଗ୍ରହଣ କରିନଥିଲେ । ଗତ ଏପ୍ରିଲ ୧୯ତାରିଖରେ ଅଭିଯୁକ୍ତ କିଶୋରଙ୍କ ଭାଇ ଓ ଶାଳକ ଜଗଦୀଶ କୁମାର ବିଷୋୟୀ ସଂସ୍ଥାକୁ ଯାଇ କୌଣସି ପ୍ରକାର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ଅନୁରୋଧ କରିବା ସହ ଚଳିତମାସ ୧୦ ତାରିଖ ସୁଧା ଟଙ୍କା ଫେରସ୍ତ କରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତଥାପି ପ୍ରତିଶ୍ରୁତି ମୁତାବକ ସଂସ୍ଥାକୁ ଟଙ୍କା ଫେରାଇ ନଥିଲେ କିମ୍ବା କିଶୋରଙ୍କର ମଧ୍ୟ ଦେଖା ମିଳିନଥିଲା । ଫଳରେ ସଂସ୍ଥା ପକ୍ଷରୁ ଏହାର ମ୍ୟାନେଜର ଜିପେନ କୁମାର ପାଢ଼ୀ ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତ କିଶୋରଙ୍କୁ ଗିରଫ କରାଯିବା ସହ ସେ ବ୍ୟବହାର କରିଥିବା ରସିଦ ବହି ଓ ଟଙ୍କା ଦେଣନେଣ ସମ୍ପର୍କିତ କାଗଜପତ୍ର ଜବତ କରାଯାଇଥିବା ତଦନ୍ତକାରୀ ଅଧିକାରୀ ସୁଜାତା କଅଁର ସୂଚନା ଦେଇଛନ୍ତି । କୋର୍ଟରେ ଗିରଫ କିଶୋର ସାହୁଙ୍କ ଜାମୀନ ଆବେଦନ ଖାରଜ ହେବାପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

# ଏମ୍‌କେସିଜି ମେଡିକାଲ କଲେଜ ଡିନ୍ ପ୍ରଫେସର ସନ୍ତୋଷ ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ଅଧୀକ୍ଷକ ପ୍ରଫେସର ଡା. ସୁଚିତ୍ରା ଦାଶଙ୍କ ଡିନ୍ ଦାୟିତ୍ୱ ଗ୍ରହଣ**

**ବ୍ରହ୍ମପୁର, ୨୮ ।୫(ସମିସ)**

ଏମକେସିଜି ମେଡିକାଲ କଲେଜର ଅତିରିକ୍ତ ଡିନ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ମେଡିକାଲର ଅଧିକ୍ଷକ ପ୍ରଫେସର ଡାକ୍ତର ସୁଚିତ୍ରା ଦାଶ । ଏମକେସିଜି ମେଡିକାଲ କଲେଜର ଅଧକ୍ଷ ତଥା ଡିନ ପ୍ରଫେସର ସନ୍ତୋଷ କୁମାର ମିଶ୍ରଙ୍କୁ ଡିଏମଇଟି ଭାବେ ପଦୋନ୍ନତି ମିଳିବା ପରେ ସେ ଏଠାରୁ ବିଦାୟ ନେଇଛନ୍ତି । ପ୍ରଫେସର ସନ୍ତୋଷ ମିଶ୍ରଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏଥିସହିତ ଅତିରିକ୍ତ ଡିନ ଭାବେ ଏମକେସିଜି ମେଡିକାଲ କଲେଜର ଅଧିକ୍ଷକ ପ୍ରଫେସର ଡାକ୍ତର ସୁଚିତ୍ରା ଦାଶ ପୂର୍ବତନ ଡିନ ପ୍ରଫେସର ଡ଼ା. ସନ୍ତୋଷ କୁମାର ମିଶ୍ରଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ପରେ କାର୍ଯ୍ୟାଳୟର ବିଭିନ୍ନ ବର୍ଗର କର୍ମଚାରୀଙ୍କ ସହ ପ୍ରଫେସର ଦାଶ ସୌଜନ୍ୟମୂଳକ ଆଲୋଚନା କରିଥିଲେ । ନୂତନ ଭାବେ ମିଳିଥିବା ଅତିରିକ୍ତ ଦାୟିତ୍ୱ କିଭଳି ସୁଚାରୁ ରୂପେ ସମ୍ପାଦନ ହେବ ସେଥି ପ୍ରତି ଗୁରୁତ୍ୱ ଦିଆଯିବ । ଏହା ସହ ବିଭିନ୍ନ ବିଭାଗରେ ଥିବା ଅଧୁରା କାର୍ଯ୍ୟକୁ ଶେଷ କରିବା ସହ ଉଭୟ ମେଡିକାଲ ଓ କଲେଜର ଉନ୍ନତି ଦିଗରେ ଧ୍ୟାନ ଦିଆଯିବ ବୋଲି ପ୍ରଫେସର୍ ଡ଼ା. ଦାଶ କହିଛନ୍ତି । ସେହିପରି ପ୍ରଫେସର ଡ଼ା. ସନ୍ତୋଷ କୁମାର ମିଶ୍ର ଖୁବଶୀଘ୍ର ରାଜ୍ୟର ନୂତନ ଡିଇଏମଟି ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏମକେସିଜି ମେଡିକାଲ ଓ କଲେଜର ଡିନ୍ ପ୍ରଫେସର ଡ଼ା. ସନ୍ତୋଷ କୁମାର ମିଶ୍ରଙ୍କୁ ରାଜ୍ୟର ନୂତନ ଡିଇଏମଟି ବା ଭେଷଜ ଶିକ୍ଷା ଓ ତାଲିମ ବିଭାଗର ନିର୍ଦ୍ଦେଶକ ଭାବେ ପ୍ରଫେସର ମିଶ୍ରଙ୍କର ପଦୋନ୍ନତି ଦିଆଯାଇଛି । ମଙ୍ଗଳବାର ସନ୍ଧ୍ୟାରେ ଦାୟିତ୍ୱଗ୍ରହଣ ଓ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଉଭୟ ମେଡିକାଲ କଲେଜ ଓ ହସ୍ପିଟାଲର ବିଭିନ୍ନ ବିଭାଗର ମୁଖ୍ୟଙ୍କ ସମେତ ବହୁ ଡାକ୍ତର, ଅଧ୍ୟାପକ, ପ୍ରଶାସନିକ ଅଧିକାରୀ ସଂଗ୍ରାମ ଶେଖର ପଣ୍ଡାଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ ।



# ସର୍ଦ୍ଦାର ବଲ୍ଲଭଭାଇ ପଟେଲ ବହୁମୁଖୀ ସଂଘର ବୀର ସାବରକର ଜୟନ୍ତୀ ପାଳନ

**ବ୍ରହ୍ମପୁର, ୨୮ ।୫(ସମିସ)**



ସ୍ଥାନୀୟ ଗଞ୍ଜାମ କଳା ପରିଷଦରେ ସର୍ଦ୍ଦାର ବଲଭଭାଇ ପଟେଲ ବହୁମୁଖୀ ସଙ୍ଘ ପକ୍ଷରୁ ବୀର ସାବରକର ଜୟନ୍ତୀ ପାଳନ ହୋଇଯାଇଛି । ସଙ୍ଘର ସଭାପତି ରାମ ପାତ୍ରଙ୍କ ସଭାପତିତ୍ୱ କରିଥିଲେ । ଏଥିରେ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ପାଣିଗ୍ରାହୀ ହିନ୍ଦୁତ୍ୱର ବିଷୟରେ ସଂକ୍ଷିପ୍ତ ବିବରଣୀ ଦେଇଥିଲେ । ସେହିପରି ଅନ୍ୟତମ ଅତିଥି ଭାବେ ଅଶୋକ ନିମାଇଁ ଯୋଗ ଦେଇ ବୀର ସାବରକାରଙ୍କ ଜୀବନି ପଢ଼ିବା ଆବଶ୍ୟକ ରହିଛି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ପ୍ରହଲ୍ଲାଦ ପାଣିଗ୍ରାହୀ ଯୋଗ ଦେଇ ସାବରକରଙ୍କ ଜିବନୀ ସହ ହିନ୍ଦୁତ୍ୱ ପାଇଁ ଲଢୁଥିବା ସାବରକାରଙ୍କ ପରିଶ୍ରମ ସଫଳ ହୋଇଛି । ଚାରିଆଡେ ହିନ୍ଦୁତ୍ୱର ବାତାବରଣ ହୋଇଛି । ଆଗାମୀ ଦିନରେ ଭାରତ ସାରା ବିଶ୍ୱର ନେତୃତ୍ୱ ନେବ ବୋଲି ଏଠାରେ କହିଥିଲେ । କାର୍ଯ୍ୟକ୍ରମରେ ବୀର ସାବରକରଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଦୀପ ପ୍ରଜ୍ୱଳନ ପରେ ଏକ ଶୋଭା ଅନୁଷ୍ଠିତ ହୋଇଥିଲା । ଶେଷରେ ପ୍ରଭାତ କିରଣ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଗମୋହନ ଆଚାରି, ଅନିଲ କୁମାର ରଥ, ହିମାଂଶୁ ପାଢ଼ୀ, ନାରାୟଣ ବେହେରା, ଏନ. ଲିଙ୍ଗରାଜ, ପ୍ରିତମ ପାଣିଗ୍ରାହୀ, ସୁଜ୍ଞାନୀ ପଣ୍ଡା, ମନୋଜ ମହାରଣା, ରାକେଶ ସାବତ, ଚନ୍ଦନ ସାହୁ, ରମେଶ ସାବତ, ରିଙ୍କୁ ମାଝୀ, କେଦାର ପଣ୍ଡା, କାଳିଆ ସରାଫ, ଯୁଗଳ କିଶୋର ସାହୁ ଉପସ୍ଥିତ ଥିଲେ ।

# ମୃତଦେହ ଜବତ କଲା ରେଳବାଇ ପୁଲିସ

**ବ୍ରହ୍ମପୁର, ୨୮।୫ (ସମିସ):** ଜିଆରପି ପୁଲିସ ମଙ୍ଗଳବାର ଏକ ମୃତଦେହ ଏମକେସିଜି ମେଡିକାଲରୁ ଜବତ କରିଛି । ମୃତକଙ୍କ ପରିଚୟ ଜଣାପଡିନଥିବା ବେଳେ ତାଙ୍କ ବୟସ ଆନୁମାନିକ ୩୦ରୁ ୩୫ ବର୍ଷ ହେବ ବୋଲି ପୁଲିସ ଅନୁମାନ କରୁଛି । ଏସଂକ୍ରାନ୍ତରେ ୪୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ମୃତଦେହ ବ୍ୟବଚ୍ଛେଦ ପରେ ସଂରକ୍ଷଣ ଗୃହରେ ରଖାଯାଇଛି । ଘଟଣାର ତଦନ୍ତ ଜାରି ରହିଛି ବୋଲି ପୁଲିସ କହିଛି । ଘଟଣାରୁ ପ୍ରକାଶ ଯେ, ସୋମବାର ସନ୍ଧ୍ୟାରେ ଗୁରୁତର ଅବସ୍ଥାରେ ଆମ୍ବପୁଆ ରେଳଧରଣାରେ ପଡ଼ିଥିବା ଯୁବକଙ୍କୁ ରେଳବାଇ କର୍ମଚାରୀ ଉଦ୍ଧାର କରି ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଜରିଆରେ ଏମକେସିଜି ମେଡିକାଲ ପଠାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆହତ ଯୁବକଙ୍କ ମଙ୍ଗଳବାର ମୃତ୍ୟୁ ଘଟିଥିଲା । ଏନେଇ ଜିଆରପି ପୁଲିସ ଖବର ପାଇ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା ।

# ଡ୍ରାଇଭରକୁ ମାଡ଼ମାରି କାର ଲୁଟ୍ ଅଭିଯୋଗ; ତଦନ୍ତ ଜାରି

**ବ୍ରହ୍ମପୁର, ୨୮ ।୫(ସମିସ):** ସହରରେ ବଢ଼ିବାରେ ଲାଗିଛି ଚୋରି ଓ ଲୁଟ୍ ଭଳି ମାମଲା । ଯାହାକୁ ନେଇ ଚିନ୍ତାରେ ପୁଲିସ । ଦୁର୍ବୃତ୍ତମାନେ ଗୋଟିଏ କାରକୁ ଚୋରି କରିନେଇଥିବା ନେଇ ପୁଲିସ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଆଧାର କରି ପୁଲିସ ଘଟଣାର ତଦନ୍ତ ଚଳାଇଛି । ସୂଚନାଯୋଗ୍ୟ ଯେ, ଗତ ୨୨ତାରିଖରେ କିଛି ଦୁର୍ବୃତ୍ତ ଜଣେ ଡ୍ରାଇଭରଙ୍କୁ ମାଡ଼ମାରି ତାଙ୍କ ନିକଟରୁ କାରଟିକୁ ଲୁଟି ନେଇଛନ୍ତି । ଲାଠି ଗ୍ରାମର ନରସିଂହ ନାଇକ ଗତ ୨୨ତାରିଖ ଦିନ ଏକ ଘରୋଇ କଲେଜରୁ କେତେକ ପରୀକ୍ଷା ପ୍ରଶ୍ନପତ୍ର ଧରି କାର(ନମ୍ବର ଓଡ଼ି୦୭ଡବ୍ଲ୍ୟୁ-୮୦୮୦)ରେ ଯୁସିପି ଇଂଜିନିଏରିଂ ସ୍କୁଲକୁ ଯାଉଥିଲେ । ରାସ୍ତାରେ ୨ଜଣ ଯୁବକ କାରକୁ ଅଟକାଇ ତାଙ୍କୁ ଗାଡିରୁ ବାହାରକୁ ଟାଣି ଆଣିଥିଲେ । ଏବଂ ସେଠାରେ ତାଙ୍କୁ ମାରପିଟ କରିବା ସହ ଜାତିଆଣ ଅକ୍ଷେପ କରି କଟୁ ମନ୍ତବ୍ୟ ଦେଇଥିଲେ । ଗାଡି ଭିତରେ ବସିଥିବା ଉକ୍ତ ଶିକ୍ଷାନୁଷ୍ଠାନର ଦୁଇ ଅଧ୍ୟାପକଙ୍କୁ ମଧ୍ୟ ଯୁବକମାନେ କାର ବାହାରକୁ ଆସିବାକୁ ଧମକ ଦେଇଥିଲେ । ଉଭୟ ଅଧ୍ୟାପକ ବାହାରକୁ ଆସିବା ପରେ ଯୁବକମାନେ ଉକ୍ତ କାରଟିକୁ ନେଇ ସେଠାରୁ ଚମ୍ପଟ ମାରିଥିଲେ । ଗାଡି ଚାଳକ ନରସିଂହ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି ।

# ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ବେଦବ୍ୟାସ ଆବାସିକ ମହାବିଦ୍ୟାଳୟର ଶତପ୍ରତିଶତ ସଫଳତା

**ବ୍ରହ୍ମପୁର, ୨୮ ।୫(ସମିସ):** ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ପରିଷଦ ଦ୍ୱାରାପରିଚାଳିତ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ସ୍ଥାନୀୟ ଖୋଡ଼ାସିଙ୍ଗ ସ୍ଥିତ ବେଦବ୍ୟାସ ଆବାସିକ ମହାବିଦ୍ୟାଳୟର ଶତପ୍ରତିଶତ ସଫଳତା ହୋଇଛି । ଏହି ପରୀକ୍ଷାରେ ମହାବିଦ୍ୟାଳୟର ମୋଟ ୧୭୩ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪୯ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ କରିଛନ୍ତି । ସେହିପରି ୨୨ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୨ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣହୋଇଛନ୍ତି । ଅନୁଷ୍ଠାନର ଛାତ୍ରମାନଙ୍କ ମଧ୍ୟରେ ବିଷ୍ଣୁ ପ୍ରସାଦ ପଣ୍ଡା ସର୍ବୋଚ୍ଚସ୍ଥାନ ଅଧିକାର କରିଥିବା ବେଳେ ଛାତ୍ରୀମାନଙ୍କ ମଧ୍ୟରେ ଅମ୍ରିତା ପଣ୍ଡା ସର୍ବୋଧିକ ନମ୍ବର ରଖି ପାସ କରିଛନ୍ତି । ସମୁଦାୟ ୧୭୩ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୭ଜଣ ପରୀକ୍ଷାର୍ଥୀ ଶତକଡ଼ା ୮୦ରୁ ଉର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ କରିଛନ୍ତି । ମହାବିଦ୍ୟାଳୟର ଅପୂର୍ବ ସଫଳତାକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକ ଓ କର୍ମକର୍ତ୍ତାମାନଙ୍କ ମଧ୍ୟରେ ଖୁସିର ବାତାବରଣ ସୃଷ୍ଟି ହୋଇଛି । ଚଳିତ ବର୍ଷ ପରୀକ୍ଷାରେ ସଫଳତା ଲାଭ କରିଥିବା ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସଭାପତି ପ୍ରଦ୍ୟୁମ୍ନ କୁମାର ବିଷୋୟୀ, ସମ୍ପାଦକ ମନୋଜ କୁମାର ବେହେରା, ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଅଧକ୍ଷ ରାଜେନ୍ଦ୍ର କୁମାର ସାହୁ, ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

# ‘ଗ୍ରାମାଞ୍ଚଳର ଶ୍ରମିକଙ୍କ ଭବିଷ୍ୟତ’ ଶୀର୍ଷକ ଆଲୋଚନାଚକ୍ର

**ବ୍ରହ୍ମପୁର, ୨୮ ।୫(ସମିସ)**

ସ୍ଥାନୀୟ ପ୍ରକାଶମ ହଲ ପରିସରରେ ସିପିଆଇ(ଏମଏଲ)ରେଡଷ୍ଟାର ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଗ୍ରାମାଞ୍ଚଳର ଶ୍ରମିକଙ୍କ ଭବିଷ୍ୟତ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାର୍ଟିର ଜିଲ୍ଲା ସମ୍ପାଦକ ଶଙ୍କର ଇନକିଲାବ ଅଧ୍ୟକ୍ଷତା କରିଥିଲେ । ଆଲୋଚନା ଚକ୍ରରେ ସିପିଆଇର ଜିଲ୍ଲା ସମ୍ପାଦକ ପ୍ରକାଶ ପାତ୍ର, ସିପିଆଇ(ଏମଏଲ) ନ୍ୟୁଡେମୋକ୍ରାସିର

**କମ୍ରେଡ ଶିବରାମଙ୍କ ୩ୟ ମୃତ୍ୟୁ ବାର୍ଷିକୀ ପାଳିତ**

ପ୍ରତାପ ପ୍ରଧାନ, ଚିତ୍ରଶିଳ୍ପୀ କାରିଗର ୟୁନିଅନର ଜିଲ୍ଲା ସଭାପତି ଦିଗାମ୍ବର ଜେନା, ବିଶିଷ୍ଟ ଲେଖିକା ବିଦ୍ୟୁପ୍ରଭା ରଥ, ବରିଷ୍ଠ ଆଇନଜୀବୀ ଭଗବାନ ସାହୁ, ଟିୟୁସିଆଇ ନେତା ରାମଚନ୍ଦ୍ର ବାଉତ୍ୟା,




ଓଡ଼ିଶା ମନରେଗା ଶ୍ରମିକ ୟୁନିଅନର ନେତ୍ରୀ ପଦ୍ମିନୀ ପାର୍ବତୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏ ଅବସରରେ ଯୁବ ପଲିଟବ୍ୟୁରୋ ସଦସ୍ୟ ତଥା ଓଡ଼ିଶା ରାଜ୍ୟ ସମ୍ପାଦକ କମ୍ରେଡ ଶିବରାମଙ୍କ ୩ୟ ମୃତ୍ୟୁ ବାର୍ଷିକୀ ପାଳିତ ହୋଇଥିଲା ।

ଗଞ୍ଜାମ ମାଟିର ଲାଲ୍ ଦୁର୍ଗରୁ ଛାତ୍ର ଅବସ୍ଥାରୁ ମାର୍କସ ଓ ଲେନିନଙ୍କ ବିଚାରଧାରାରେ ଅନୁପ୍ରାଣିତ ହୋଇ ସାମାଜିକ ଆନ୍ଦୋଳନ ସହ ଜଡ଼ିତ ହୋଇଥିଲେ । ଏଥିରେ ବିଶିଷ୍ଟ ବାମପନ୍ଥୀ ରାଜନେତା ଅବିର ପାଢ଼ୀ, ଅଧକ୍ଷ ସୁବାଷ ରାଉତଙ୍କ ସହ ମିଶି ଜାତୀୟ ବିପ୍ଳବ ବାହିନୀ ଗଠନ କରି ବ୍ୟବସ୍ଥା ବିରୁଦ୍ଧରେ ସଂଘର୍ଷ କରିବା ସହ ବିପ୍ଳବୀ କମ୍ୟୁନିଷ୍ଟ ଭାବେ ନିଜକୁ ପ୍ରତିପାଦିତ କରିଥିଲେ । ୨୦୨୧ ମସିହାରେ କରୋନାରେ ତାଙ୍କ ମୃତ୍ୟୁ ହୋଇଥିଲେ ସୁଦ୍ଧା ଆଗାମୀ ପିଢ଼ି ପାଇଁ ନୂତନ ଆଶା ସଞ୍ଚାର କରାଇଛନ୍ତି ବୋଲି ଏଠାରେ କୁହାଯାଇଥିଲା । ଗ୍ରାମାଞ୍ଚଳର ଶ୍ରମିକଙ୍କ ଭବିଷ୍ୟତ ଶୀର୍ଷକ ବିଷୟବସ୍ତୁରେ ଆଲୋଚନା କରି ଆନ୍ଦୋଳନକୁ ଅଧିକ ପ୍ରସାରିତ କରାଯାଇଛି । ଗ୍ରାମାଞ୍ଚଳର କୃଷି ଶ୍ରମିକ, ମନରେଗା ଶ୍ରମିକ, କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ କ୍ଷେତ୍ରରେ ନିୟୁକ୍ତ ଶ୍ରମିକ ବିଭିନ୍ନ ଯନ୍ତ୍ର ବ୍ୟବହାର କରୁଥିବା ବେଳେ ସେମାନଙ୍କ ପାଇଁ ତାହା ବିପଦ ସୃଷ୍ଟି କରିଛି । ଏହା ବିରୁଦ୍ଧରେ ଗ୍ରାମାଞ୍ଚଳର ଶ୍ରମିକଙ୍କ ଏକତା, ସଂଗଠନ ଓ ସଂଘର୍ଷ ବଳରେ ରାଜନୈତିକ ଅଧିକାର ହାସଲ କରିବା ପାଇଁ ବାମପନ୍ଥୀ ରାଜନୈତିକ ପାର୍ଟି ଓ ଶ୍ରମଜୀବି ଜନଗଣଙ୍କ ହାତରେ ଏକ ପ୍ରମୁଖ ଆହ୍ୱାନ କରାଯାଇଥିଲା ।

ସେହିପରି ସମସ୍ତଙ୍କ ହାତକୁ ରୋଜଗାର ପାଇଁ ସଂଘର୍ଷର ଜୁଆର ସୃଷ୍ଟି ବିନା ଫାସିବାଦୀ ଓ ପୁଞ୍ଜିବାଦୀ ଶକ୍ତିକୁ ପରାସ୍ତ କରିବା ଅସମ୍ଭବ ବୋଲି ସମାଜ ବିଜ୍ଞାନୀ ତଥା ବରିଷ୍ଠ ଆଇନଜୀବୀ ଭଗବାନ ସାହୁ ମତପ୍ରକାଶ କରିଥିଲେ । ସେହିପରି ସମାନ କାମକୁ ସମାନ ମଜୁରି ମିଳୁନଥିବା ବେଳେ ମନରେଗା ଶ୍ରମିକଙ୍କ ପ୍ରତି ଘୋର ଅନ୍ୟାୟ କରାଯାଉଥିବା ମହିଳା ନେତ୍ରୀ ପି ପାର୍ବତୀ ମତ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଯୁକ୍ତା ନାୟକ, ନିଳେନ୍ଦ୍ରୀ ବେହେରା, ଯଶୋଦା ନାୟକ, ଶାନ୍ତି ନାୟକ, ସୁଶାନ୍ତ ଦାଶ, ସାଗର ନାୟକ, ଯୁଧିଷ୍ଠିର ଦାସ, ଯାମିନୀ ଦାଶ, ରଶ୍ମିତା ଦାଶ, ହାର ନାହକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଅବସରପ୍ରାପ୍ତ ବରିଷ୍ଠ ପ୍ରାଧ୍ୟାପିକା ଭାରତୀ ମିଶ୍ରଙ୍କ ପରଲୋକ



**ବ୍ରହ୍ମପୁର, ୨୮ ।୫(ସମିସ):** ବ୍ରଜନଗର ନିବାସୀ ଅବସରପ୍ରାପ୍ତ ବରିଷ୍ଠ ପଦାର୍ଥ ବିଜ୍ଞାନର ପ୍ରାଧ୍ୟାପିକ ଭାରତୀ ମିଶ୍ର ସୋମବାର ରାତ୍ରରେ ମୃତ୍ୟୁବରଣ କରିଛନ୍ତି । ସ୍ୱର୍ଗତ ମିଶ୍ର ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଉପଦେଷ୍ଟା ପ୍ରଫେସର ଡ. ରଙ୍ଗନାଥ ମିଶ୍ରଙ୍କ ପତ୍ନୀ । ବାଙ୍ଗାଲୋର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି । ସ୍ୱର୍ଗତ ମିଶ୍ର ଖଲ୍ଲିକୋଟ ଅଟୋନମସ କଲେଜରୁ ପଦାର୍ଥ ବିଜ୍ଞାନରେ ବରିଷ୍ଠ ପ୍ରାଧ୍ୟାପିକ ରୂପେ ଅବସର ଗ୍ରହଣ କରିଥିଲେ । ସେ ଜଣେ ଛାତ୍ର ବତ୍ସଳ, ଛାତ୍ରା ଅନୁରାଗୀ, ମେଳାପି, କୋମଳ ହୃଦୟ, ନମ୍ର, ଭଦ୍ର ଓ ସମସ୍ତଙ୍କ ପ୍ରିୟ କର୍ତ୍ତବ୍ୟବୋଧ କର୍ମଜୀବୀ ନାରୀ ଶକ୍ତି ରୂପେ ପରିଚିତ ଥିଲେ । ଦୀର୍ଘ ୩୪ବର୍ଷର ଚାକିରିକାଳରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରେ ସେ ଅଧ୍ୟାପନା କରିଥିଲେ । ତାଙ୍କର ବିୟୋଗରେ ଶିକ୍ଷକ, ଅଧ୍ୟାପକ, ଅଧ୍ୟାପିକା ଓ ବୁଦ୍ଧିଜୀବୀ ମହଲରେ ଶୋକର ଛାୟା ଖେଳିଯାଇଛି । ସେହିପରି ତାଙ୍କରି ମୃତ୍ୟୁ ଖବର ପାଇ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି । ତାଙ୍କରି ବିୟୋଗରେ କମିଟି ଜଣେ ସକ୍ରିୟ ସଦସ୍ୟଙ୍କୁ ହରାଇଥିବା ବେଳେ ତାହା କମିଟି ପାଇଁ ଅପୂରଣୀୟ କ୍ଷତି ବୋଲି କମିଟିର ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି ।

ଚାଲାଣ ବେଳେ ମାଡ଼ିବସିଲା ପୁଲିସ

# କାର୍ ସହ ଗଞ୍ଜେଇ ଜବତ, ୨ ଗିରଫ




ଫିରିଙ୍ଗିଆ, ୨୮।୫(ସମିସ): କିଛିଦିନର ନୀରବତା ପରେ ଫିରିଙ୍ଗିଆ ପୁଲିସ ଏକ କାର ସହ ୧୬ କିଲୋ ଦୁଇ ଶହ ଗ୍ରାମ ଗଞ୍ଜେଇ ଜବତ କରିବାରେ ସଫଳ ହୋଇଛି। ଏସମ୍ପର୍କରେ କାର ଡ୍ରାଇଭର ଓ ଗଞ୍ଜେଇ ଚୋରାଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଗିରଫ ହୋଇଥିବା ଦୁଇଜଣ ଫିରିଙ୍ଗିଆ ଥାନା ବନ୍ଧଗଡ଼ ଗାଁର ବିଶ୍ୱନାଥ ସାହୁ ଏବଂ ତରୁଣ ପ୍ରଧାନ ବୋଲି ଜଣାପଡ଼ିଛି। ପୁଲିସର ସୂଚନା ଅନୁସାରେ ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ଏସଆଇ ଅଜୟ କୁମାର ସାହୁଙ୍କ ସହ ଏକ ଟିମ ବନ୍ଧଗଡ଼ରୁ ଗୁଟିଙ୍ଗିଆକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଜୋକେ ଛକ ନିକଟରେ କାରକୁ କାବୁ କରିବାରେ ସଫଳ ହୋଇଥିଲେ। ଘଟଣା ସ୍ଥଳରେ କାରକୁ ଯାଞ୍ଚ କରିବା ସମୟରେ ସେଥିରୁ ୧୬ କିଲୋ ଦୁଇଶହ ଗ୍ରାମ ଗଞ୍ଜେଇ ବାହାରିଥିଲା। ପୁଲିସ କାରର ଡ୍ରାଇଭର ସହ ଦୁଇଜଣ ଚାଲାଣକାରୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଗିରଫ ହୋଇଥିବା ଯୁବକ ଦୁଇଜଣ ପେଷାଦାର ଗଞ୍ଜେଇ ମାଫିଆ ବୋଲି ଜଣାପଡ଼ିଛି। ସେମାନେ ଦୀର୍ଘ ଦିନ ଧରି ପୁଲିସ ଆଖିରେ ଧୂଳିଦେଇ ଗଞ୍ଜେଇ ବ୍ୟବସାୟ କରିଆସୁଥିଲେ। ଅନ୍ୟପଟେ ଗଞ୍ଜେଇ ଚାଲାଣରେ ଜବତ ହୋଇଥିବା କାର ଫିରିଙ୍ଗିଆ ଥାନା କରଣ୍ଡାଗଡ଼ ଅଞ୍ଚଳର ବୋଲି ସୂଚନା ମିଳିଛି। ଏହି ଗଞ୍ଜେଇ ଚାଲାଣ ମାମଲାରେ କାରର ମାଲିକଙ୍କ ମଧ୍ୟ ସମ୍ପୃକ୍ତି ଥିବା ପୁଲିସ ଜାଣିବାକୁ ପାଇଛି। ଘଟଣାରେ ଆଉ କାହାର ସମ୍ପୃକ୍ତି ରହିଛି ତାହାକୁ ନେଇ ତଦନ୍ତ ଜାରିରହିଛି ବୋଲି ତଦନ୍ତକାରୀ ଅଧିକାରୀ ଅଜୟ କୁମାର ସାହୁ ସୂଚନା ଦେଇଛନ୍ତି।

# ଜିଲ୍ଲା ଓ ବ୍ଲକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା





ଜି.ଉଦୟଗିରି, ୨୮।୫(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ହବାକ ହାଇସ୍କୁଲ ଛାତ୍ର ସ୍ୱୟାସ ସାମଲ ଚଳିତ ମାଟ୍ରିକ ପରୀକ୍ଷାରେ ୯୩ ପ୍ରତିଶତ ମାର୍କ ରଖି ଜିଲ୍ଲା ଟପ୍ପର ହୋଇଥିବା ବେଳେ ସେହି ସ୍କୁଲର ଆୟୁଷ କୁମାର ରଥ ୯୧ ପ୍ରତିଶତ ମାର୍କ ରଖି ବ୍ଲକ୍ ଟପ୍ପର ହୋଇଛନ୍ତି। ଉଭୟଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ହବାକ ହାଇସ୍କୁଲ ତରଫରୁ ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଉଭୟ ସ୍ୱୟାସ ଏବଂ ଆୟୁଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇଛନ୍ତି ବୋଲି ଶିକ୍ଷକ କହିଥିଲେ। ସେହିଭଳି ହବାକ ହାଇସ୍କୁଲ ୯୦ ପ୍ରତିଶତ ମାର୍କ ରଖି ଏ ୱାନ ପାଇଥିବା ଓମ ପ୍ରକାଶ ପଣ୍ଡାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହାସହିତ ଏମଏମସିଏଚ ତରଫରୁ ପ୍ରଦୀପ ଚନ୍ଦ୍ର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଚଳିତ ମାଟ୍ରିକ୍ ପରିକ୍ଷାରେ ଅଞ୍ଚଳ ପାଇଁ ଗୌରବ ଆଣିଥିବା ହବାକ ହାଇସ୍କୁଲ ତିନିଜଣ ଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା।

# ଏପିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ





ଗୁମ୍ମା, ୨୮।୫(ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ୍ ଅଜୟଗଡ଼ରେ ଅଜୟଗଡ଼ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ(ଏପିଏଲ) ମଙ୍ଗଳବାର ଉଦଘାଟିତ ହୋଇଛି। ଏହି ପ୍ରତିଯୋଗିତାକୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ କୁମାରସାନୁ ଲିମା ଉଦଘାଟନ କରିଥିଲେ। ଅଜୟଗଡ଼ ଗ୍ରାମରେ ପ୍ରଥମ ଥର ପାଇଁ ଏଭଳି ପ୍ରତିଯୋଗିତା ହେଉଥିବାରୁ ସାଧାରଣରେ ଉତ୍ସାହ ପ୍ରକାଶ ପାଇଛି। ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତ୍ୟେକ ଖେଳାଳିଙ୍କୁ ମୁଖ୍ୟଅତିଥି ସ୍ୱାଗତ ଜଣାଇ ଏହି ଭଳି ପ୍ରୟାସକୁ ପ୍ରଶଂସା କରିବା ସହ ଖେଳାଳି ଶୃଙ୍ଖଳିତ ଭାବେ ଖେଳିବା ପାଇଁ ପରାମର୍ଶ ଦେଇଥିଲେ। ସେ ଫିତା କାଟି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ୧୦ ଦିନ ଧରି ଅନୁଷ୍ଠିତ ହେଉଥିବା ପ୍ରତିଯୋଗିତାରେ ଚାରୋଟି ଦଳ ଭାଗ ନେଉଥିବା ଜଣାପଡ଼ିଛି। ସେହି ଦଳ ହେଲେ ଏଜିଡେ ଷ୍ଟାର, ଏଜେଡି ସୁପରକିଙ୍ଗ, ଏଜେଡି ସିକ୍ସର ଓ ଏଜେଡି ଫାଇଟର ଏକାଦଶ। ଏଥିରେ ଜେମସ ନାଗ ସହଯୋଗ କରୁଛନ୍ତି।

# ଭୋଟ ଗଣତି ପାଇଁ ଗଜପତିରେ ନିୟୋଜିତ ହେବେ ୧୮୦ କର୍ମଚାରୀ

ପାରଳାଖେମୁଣ୍ଡି, ୨୮।୫ (ସମିସ): ଗଜପତି ଜିଲ୍ଲାରେ ଗତ ୧୩ରେ ଅନୁଷ୍ଠିତ ମତଦାନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଥିଲା। ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଗଜପତି ଜିଲ୍ଲାର ୨ ନିର୍ବାଚନମଣ୍ଡଳୀ ମୋହନା ଓ ପାରଳାଖେମୁଣ୍ଡିର ଆସନ୍ତା ଜୁନ୍ ୪ ତାରିଖରେ ପାରଳାଖେମୁଣ୍ଡିସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭୋଟ ଗଣତି କରାଯିବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଭୋଟଗଣତି ପାଇଁ ଜିଲ୍ଲା ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଉକ୍ତ ଦିନ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଆଦେଶ ଅନୁଯାୟୀ ସକାଳ ୮ ଘଣ୍ଟାରୁ ଗଣତି ଆରମ୍ଭ ହେବ। ଗଣତି କର୍ଯ୍ୟରେ ଜିଲ୍ଲାରୁ ବିଭିନ୍ନ ବିଭାଗର ୧୮୦ ଜଣ ଦକ୍ଷ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ସେହିପରି ପୋଷ୍ଟାଲ ବାଲଟ ଭୋଟ ମଧ୍ୟ ଗଣତି ହେବ। ମୋହନା ନିର୍ବାଚନମଣ୍ଡଳୀରେ ୧୯୦୦ ଓ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ୧୨୦୦ ଲୋକେ ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ ଦେଇଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଶ୍ରୀ ପ୍ରଧାନ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ ଓ ଉପ ଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା ଉପସ୍ଥିତ ଥିଲେ।

## ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ




# ଗଛରେ ପିଟିହେଲା ବାଇକ୍, ଚାଳକ ଗୁରୁତର



ଫିରିଙ୍ଗିଆ, ୨୮।୫(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ମୁସୁଲିପଙ୍ଗା ପଞ୍ଚାୟତ କଡ଼ିସରୁ ଗାଁ ନିକଟରେ ମଙ୍ଗଳବାର ସକାଳେ ଏକ ବାଇକ ଭାରସାମ୍ୟ ହରାଇ ଗଛରେ ପିଟି ହେବା ଫଳରେ ଚାଳକ ଗୁରୁତର ଆହତ ହୋଇଥିଲେ। ଗୁରୁତର ଆହତ ବ୍ୟକ୍ତି ଜଣକ ଫିରିଙ୍ଗିଆ ଥାନା ପବିଙ୍ଗିଆ ପଞ୍ଚାୟତ ବବଡିଙ୍ଗିଆ ଗାଁର ଲମ୍ବୋଦର କହଁର ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ଲମ୍ବୋଦର କୌଣସି କାମରେ ଗୋଚ୍ଛାପଡ଼ା ଅଞ୍ଚଳକୁ ଯାଇ ଜଣେ ସମ୍ପର୍କୀୟ ଭଉଣୀଙ୍କୁ ନେଇ ନିଜ ଗାଁ ବବଡିଙ୍ଗିଆକୁ ଫେରୁଥିବା ସମୟରେ ଗୋଚ୍ଛାପଡ଼ା ଫିରିଙ୍ଗିଆ ମୁଖ୍ୟ ରାସ୍ତାର କଡ଼ିସରୁ ଗାଁ ନିକଟ ରାସ୍ତା କଡରେ ଥିବା ଏକ ଗଛରେ ପିଟି ହୋଇଥିଲା। ଏଥିରେ ବାଇକ ଲମ୍ବୋଦର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଫିରିଙ୍ଗିଆ ଅଗ୍ନିଶମ ବାହିନୀ ସହ ଆମ୍ବୁଲାନ୍ସକୁ ଫୋନରେ ଜଣାଇଥିଲେ। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀଙ୍କ ସହାୟତାରେ ଗୁରୁତର ଆହତ ଲମ୍ବୋଦରଙ୍କୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ହେବାରୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

# ରକ୍ତହୀନତା ପ୍ରତିକାର ସମ୍ପର୍କିତ କର୍ମଶାଳା



ଫିରିଙ୍ଗିଆ, ୨୮।୫(ସମିସ): ଗର୍ଭବତୀଙ୍କ ରକ୍ତହୀନତା କମାଇବା ଓ ଘରୋଇ ପ୍ରସବକୁ ହ୍ରାସ କରି ହସପିଟାଲରେ ପ୍ରସବ ବଢ଼ାଇବା ଲକ୍ଷ୍ୟରେ କନ୍ଧମାଳ ସ୍ୱାସ୍ଥ୍ୟସମିତି ସ୍ଥାନେ ସ୍ଥାନେ ମା ଗୃହ ସ୍ଥାପନ କରିଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ସହଯୋଗରେ ମେ ମାସ ୨୦୨୦ ମସିହା ଠାରୁ ଟିକାବାଲି ବ୍ଲକ୍‌ର ଛତିଝାର ଠାରେ ଏକ ମା ଗୃହ ପରିଚାଳିତ କରାଯାଉଛି। ଏହି ମା ଗୃହ ପଞ୍ଚମ ବାର୍ଷିକ ପାଳନ କରିବା ଅବସରରେ ସୁରକ୍ଷିତ ପ୍ରସବ ନିମନ୍ତେ 'ରକ୍ତହୀନତାର କୁପ୍ରଭାବ ଏବଂ ତାର ପ୍ରତିକାର ଓ ସୁଷମ ଆହାରର ଗୁରୁତ୍ୱ' ଶୀର୍ଷକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଟିକାବାଲିର ଶିଶୁବିକାଶ ଅଧିକାରୀ ପାନମଣି ହାନ୍ସଦା ଅବୁଝା ଭାବେ ରହିଯାଉଥିବା ପରିବାରଙ୍କୁ ସଚେତନ କରିବା ନିମନ୍ତେ ଆଗଧାଡିର ସ୍ୱାସ୍ଥ୍ୟସେବିକା/ସେବକ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। କୋଷାଧକ୍ଷ ଶାନ୍ତନୁ କୁମାର ମିଶ୍ର ପ୍ରସବ ପୂର୍ବରୁ ମା ଗୃହ ରେ ଅବସ୍ଥାପିତ ହେବାକୁ ଗର୍ଭବତୀଙ୍କୁ ଅନୁରୋଧ କରିଥିଲେ। ସ୍ୱାତୀର କର୍ମୀ ସୁସ୍ମିତା ଜେନା ମାଣ୍ଡିଆରୁ ମିଳୁଥିବା ପୋଷଣ କିପରି ଗର୍ଭବତୀ ଓ ପ୍ରସୂତିଙ୍କୁ ସସାହାଯ୍ୟ କରିଥାଏ ସେ ବିଷୟରେ ବୁଝାଇଥିଲେ। ଅନୁଷ୍ଠାନର ସ୍ୱାସ୍ଥ୍ୟ ସଂଯୋଜକ ବିଶ୍ୱରଞ୍ଜନ କର ଟିକାବାଲି ମା ଗୃହରେ ୧୨୯୪ ଜଣ ଗର୍ଭବତୀ ସେବା ପାଇଥିବା କହିଥିଲେ। ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଷ୍ଟାଫ୍ ନର୍ସ ଅବନି ଶତପଥୀ, ବିଣାପାଣୀ ମାଝୀ ଓ ପଦ୍ମିନୀ ସ୍ୱାଇଁ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।। ମା ଗୃହ ତରଫରୁ ମାମିନା କହଁର ସଭା ପରିଚାଳନା କରିଥିବା ବେଳେ ଗୀତାଞ୍ଜଳି କହଁର, ସୁନେମିୟା ଦିଗାଲ, ଗୀତାଞ୍ଜଳି ବିଶୋୟୀ, ନିରୁପମା ନାୟକ, ଲକ୍ଷ୍ୟଭେଦୀ ପ୍ରକଳ୍ପ ତରଫରୁ ମିଲି ସାହାଣି ଓ ସ୍ୱାତୀ ମିଲେଟମିଶନ କର୍ମୀ ରାଧାକାନ୍ତ ପଣ୍ଡା ସହେଯାଗ କରିଥିଲେ।

# ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସରେ ସଚେତନତା କାର୍ଯ୍ୟକ୍ରମ





ଛେଳିଗଡ଼, ୨୮।୫ (ସମିସ): ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସ ପରିପ୍ରେକ୍ଷୀରେ ଗଜପତି ଜିଲ୍ଲା ରା.ଉଦୟଗିରି ବ୍ଲକ୍ ରାମଗିରି ପଞ୍ଚାୟତ ସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ପଞ୍ଚାୟତର ୧୦ ଅଙ୍ଗନବାଡି କେନ୍ଦ୍ରରୁ ୮୦ ଜଣ ୧୦ ରୁ ୧୯ ବର୍ଷ ମଧ୍ୟରେ ଥିବା କିଶୋରୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାମଗିରି ପଞ୍ଚାୟତର ମିଶନ ଶକ୍ତି ଓ ଶିଶୁ ବିକାଶ କର୍ମୀଙ୍କ ସହଯୋଗରେ କିଶୋରୀ ବାଳିକାଙ୍କୁ ଋତୁସ୍ରାବ ସଚେତନତା ବିଷୟରେ ସଚେତନ କରାଯିବା ସହିତ ସେମାନଙ୍କ ମଧ୍ୟରେ ବିଭିନ୍ନ ନାଚ, ଗୀତ, ଖେଳ ଓ ବକ୍ତୃତା ଉପରେ ପ୍ରତିଯୋଗିତା କରାଯାଇଥିଲା। ରାମଗିରି ପଞ୍ଚାୟତ ଏଡବ୍ଲୁଡବ୍ଲୁ ମମତା ମଞ୍ଜରୀ ପଣ୍ଡା ଓ ସ୍ୱାଦ୍ ଅନୁଷ୍ଠାନର କର୍ମୀ ନିର୍ମଳା ପଟ୍ଟନାୟକ କାର୍ଯ୍ୟକ୍ରମ ସମ୍ପର୍କରେ କିଶୋରୀଙ୍କୁ ସଂକ୍ଷିପ୍ତ ଭାବରେ ବୁଝାଇଥିଲେ। ଏମବିକେ ଯଶୋଦା ଶବର ଓ ସହକର୍ମୀ ସହଯୋଗ କରିବା ସହିତ ଅନ୍ୟ ସମସ୍ତ ଏଡବ୍ଲୁଡବ୍ଲୁ ମଧ୍ୟ ସହଯୋଗ କରିଥିଲେ। ସ୍ୱାଦ୍ ଅନୁଷ୍ଠାନ କର୍ମୀ ନିର୍ମଳା ପଟ୍ଟନାୟକ ରାମଗିରି ପଞ୍ଚାୟତରେ ବାଲ୍ୟ ବିବାହ ବନ୍ଦ କରିବା ପାଇଁ ଶପଥ ପାଠ କରାଇଥିଲେ। ଶେଷରେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ବିବାହ ବାର୍ଷିକୀରେ ରକ୍ତଦାନ କଲେ ଦମ୍ପତି



ଫିରିଙ୍ଗିଆ, ୨୮।୫(ସମିସ): ଅନେକ ଲୋକ ନିଜର ବିବାହ ବାର୍ଷିକୀକୁ ପାଳନ କରିବା ପାଇଁ ବଡ଼ବଡ଼ ଭୋଜିର ଆୟୋଜନ କରୁଥିବା ବେଳେ କେହିକେହି ସାଙ୍ଗ ସାଥୀଙ୍କୁ ନେଇ କ୍ଲବ ବାର ପାର୍ଟି କରି ମୌଜମସ୍ତି କରିଥାନ୍ତି। କିନ୍ତୁ ନିଜର ପ୍ରଥମ ବିବାହ ବାର୍ଷିକୀରେ କୌଣସି ପାର୍ଟି କିମ୍ବା ଭୋଜି ନ କରି ତାଙ୍କ କିଛି ସାଙ୍ଗଙ୍କ ସହ ମିଶି ରକ୍ତ ଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ଦମ୍ପତି। ଦମ୍ପତି ହେଉଛନ୍ତି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ସହରର ଯୁବ ସମାଜସେବୀ ଆନନ୍ଦ ପ୍ରସାଦ ସାହୁ ଏବଂ ତାଙ୍କ ଧର୍ମପତ୍ନୀ ଚାନ୍ଦିନୀ ସାହୁ। ସମାଜସେବୀ ଜଣକ ବିବାହ କରିବା ପୂର୍ବରୁ ବହୁବାର ରକ୍ତଦାନ କରିଥିବା ବେଳେ କନ୍ଧମାଳ ଜିଲ୍ଲାରେ ଦେଖାଦେଇଥିବା ରକ୍ତର ଅଭାବକୁ ଆଖି ଆଗରେ ରଖି ନିଜ ଧର୍ମପତ୍ନୀଙ୍କ ସହ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ ରକ୍ତ ଦାନ କରିଛନ୍ତି। ଦମ୍ପତିଙ୍କ ସହ ଆଦିତ୍ୟ ପ୍ରସାଦ ସାହୁ, ସାଙ୍ଗ ଦୁର୍ଗା ଶଙ୍କର ସାହୁ ଓ ରଜତ କୁମାର ବେହେରା ରକ୍ତଦାନ କରିଥିଲେ। ଦମ୍ପତିଙ୍କ ଏଭଳି ପ୍ରୟାସକୁ ପ୍ରଶଂସା କରାଯାଉଛି।

# କିରାମାହାରେ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳନ




ଜି.ଉଦୟଗିରି, ୨୮।୫(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ୍ ଅନ୍ତର୍ଗତ କିରାମାହା ପ୍ରାଥମିକ ବିଦ୍ୟାଳୟ ପରିସରରେ ଆକ୍ସନ ଏଡ୍ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଦାତ୍ତା ସହଯୋଗରେ ଅନ୍ତରଙ୍ଗ ଯୁବ ମହାସଂଘ ଓ ନାଓ ପକ୍ଷରୁ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମାସିକ ଋତୁସ୍ରାବ ପରିଚ୍ଛନ୍ନ ଓ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଯାଇଥିଲା। କିଶୋରୀ ନିଜ ନିଜର ବିଭିନ୍ନ ସମସ୍ୟା ବିଷୟରେ ଉପସ୍ଥାପନା କରିଥିବା ବେଳେ ତାହାର ନିରାକରଣ ପାଇଁ ସେମାନେ କିଭଳି ସ୍ୱଚ୍ଛତା ଓ ପରିଚ୍ଛନ୍ନତା ରହିବେ ସେ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଋତୁସ୍ରାବର ଉପକାରିତା ଓ ନାପକିନ ପ୍ୟାଡ ବ୍ୟବହାର ଏବଂ ଶାରୀରିକ ସତର୍କତା ପ୍ରତି ଧ୍ୟାନ ଦେବା ପାଇଁ ଆଲୋଚନା କରାଯାଇଥିଲା। ବିଭିନ୍ନ ଗ୍ରାମର କିଶୋରୀ ବାଳିକା ଓ ମହିଳାଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମହିଳା ଜୀବିକା ସୁରକ୍ଷା ମଞ୍ଚର ବ୍ଲକ୍ ସଂଯୋଜିକା ସସ୍ମିତା ମାଲିକ, ନାଓର କର୍ମୀ ଗୀତାଞ୍ଜଳି ବଗର୍ତ୍ତି, ଆଶାକର୍ମୀ ଟୁନିମା ନାୟକ ଯୋଗ ଦେଇ ନିଜର ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନ ବିଷୟରେ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଅନ୍ତରଙ୍ଗ ଯୁବ ମହାସଂଘର ସମ୍ପାଦକ ହୃଷୀକେଶ ପ୍ରଧାନ ପରିଚାଳନା କରିଥିବାବେଳେ ସଦସ୍ୟ ଆରିୟାନସ୍ ମାଲିକ ସହଯୋଗ କରିଥିଲେ।

# ଅସହ୍ୟ ହେଲାଣି ତାତି, ଜୀବନଜୀବିକା ପ୍ରଭାବିତ



ଜି.ଉଦୟଗିରି, ୨୮।୫(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ଦିନକୁ ଦିନ ତାପମାତ୍ରା ବଢ଼ିବାରେ ଲାଗିଛି। ଏଥିଯୋଗୁଁ ଅସହ୍ୟ ଗରମ ଅନିଭୂତ ହେଉଛି। ଅସହ୍ୟ ଗ୍ରୀଷ୍ମ ପ୍ରବାହ କାରଣରୁ ଦିନ ୧୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବଜାର ଘାଟ ଖାଁ ଖାଁ ହୋଇଯାଉଛି। ଖରାରେ ଲସି ଦୋକାନ, ଫଳ, ଆଇସ୍କ୍ରିମ୍ ଦୋକାନରେ ଗହଳି ଜମୁଛି। ଅସହ୍ୟ ଗରମ ଓ ଗୁଳୁଗୁଳିରେ ଲୋକେ ସିଝୁଥିବା ବେଳେ ଜୀବନ ଜୀବିକା ପ୍ରଭାବିତ ହୋଇଛି। ପଶୁପକ୍ଷୀଙ୍କୁ ଏନଏସି ତରଫରୁ ପିଇବା ପାଣି ବ୍ୟବସ୍ଥା ହୋଇଛି। ତଥାପି ଖରା ପ୍ରକୋପରୁ ରକ୍ଷା ପାଇ ପାରୁନାହାଁନ୍ତି ପକ୍ଷୀ। ଗୋଲାସାହିର ଖରାରେ ଏକ ପକ୍ଷୀ ଅଚେତ ହୋଇ ପଡ଼ି ରହିଥିଲା। ସାହିର ଯୁବକ ପାଣି ଦେବା ସହିତ ଯତ୍ନ ନେବାରୁ ପକ୍ଷୀଟି ସୁସ୍ଥ ହୋଇଥିଲା। ଏମିତି ଅନେକ ସ୍ଥାନରେ ଦେଖିବାକୁ ମିଳୁଥିବା ବେଳେ ଅତ୍ୟଧିକ ଗରମରୁ ପଶୁପକ୍ଷଙ୍କ ଜୀବନ ହୋଇଛି ପ୍ରଭାବିତ। ଦିନ ମଜୁରିଆ ଖରାରେ କାମ କରିବା ମୁସ୍କିଲ ହୋଇଥିବା ବେଳେ ଦିନ ତମାମ ରାସ୍ତା କଡରେ ପନିପରିବା ସହିତ ଅନାନ୍ୟ ଉପକରଣ ବିକ୍ରି କରୁଥିବା କ୍ଷୁଦ୍ର ବ୍ୟବସାୟୀ ମଧ୍ୟ ପ୍ରଭାବିତ ହେଉଛନ୍ତି।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ଛତ୍ରପୁର,୨୮ ।୫(ସମିସ):** ଛତ୍ରପୁର ଥାନା ଅନ୍ତର୍ଗତ ପୋଟଲାମପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଘରେ କୌଣସି କାର୍ଯ୍ୟ କରୁଥିବାବେଳେ ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୋଟଲାମପୁର ଗ୍ରାମର ବଳିଆ ଗୌଡ଼ (୧୯)। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଛତ୍ରପୁର ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ୮/୨୪ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

## ଛାତ୍ରୀଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ



**ବ୍ରହ୍ମପୁର,୨୮ ।୫(ସମିସ):** ଗତ ରବିବାର ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳାଫଳ ପ୍ରକାଶିତ ହୋଇଛି। ଏଥିରେ କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠିସ୍ଥିତ ଉତ୍କଳ ବିଦ୍ୟାପୀଠର ଛାତ୍ରଛାତ୍ରୀମାନେ କୃତିତ୍ୱର ପାସ କରିଛନ୍ତି। ଚଳିତ ବର୍ଷ ସ୍କୁଲରେ ୯୪% ଛାତ୍ରଛାତ୍ରୀ ପାସ କରିଛନ୍ତି। ସେମାନଙ୍କ ମଧ୍ୟରେ ସ୍ନେହା ସାହୁ ୬୧% ମାର୍କ ରଖି କୃତିତ୍ୱ ସହ ପାସ କରିଛନ୍ତି। ବାପା ଶ୍ରୀକାନ୍ତ ସାହୁ ଓ ମା' ପ୍ରତିତି କୁମାରୀ ବେହେରାଙ୍କ ଏକ ମାତ୍ର ଝିଅ ହେଉଛନ୍ତି ସ୍ନେହା। ସେହିପରି ବରିଷ୍ଠ ଆୟୁର୍ବେଦିକ ଡାକ୍ତର ତଥା ରାଜସ୍ୱ କମିଶନର କାର୍ଯ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ରମେଶ ଚନ୍ଦ୍ର ସାହୁଙ୍କ ନାତୁଣି ହେଉଛନ୍ତି ସ୍ନେହା। ଭବିଷ୍ୟତରେ ସେ ଜଣେ ଡାକ୍ତର ହେବାକୁ ଚାହାଁନ୍ତି ବୋଲି ସ୍ନେହା କହିଛନ୍ତି।

## କୂଅରୁ ହରିଣ ଉଦ୍ଧାର



**ସାନଖେମୁଣ୍ଡି,୨୮ ।୫(ସମିସ):** ପାଟପୁର ବନ ବିଭାଗ ଆସିକା-ଦିଗପହଣ୍ଡି ମୁଖ୍ୟ ରାସ୍ତା କଡରେ ଥିବା ଏକ କୂଅରୁ ହରିଣ ଉଦ୍ଧାର କରିଛି। ହରିଣ ମାନେ ବସବାସ କରୁଥିବା ଅଞ୍ଚଳରେ ପାଣିର ବ୍ୟବସ୍ଥା ହୋଇନଥିବା ହେତୁ ହରିଣ ମାନେ ଗାଁ ମୁହାଁ ହେଉଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଭୋରରୁ କିଛି ହରିଣ ରାସ୍ତା କଡରେ ବୁଲୁଥିବାବେଳେ ରାସ୍ତା କଡ଼ରେ ଥିବା ଏକ କୂଅରେ ପଡିଯାଇଥିଲା। ଆଖ ପାଖ ଲୋକେ ବିଲରେ କାମ କରୁଥିବା ସମୟରେ ହରିଣଟି କୂଅରେ ପଡ଼ିଯାଇଥିବା ଦେଖି ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ଉଦ୍ଧାର ନ କରି ପାରି ବନ ବିଭାଗକୁ ସୂଚନା ଦେଇଥିଲେ। ଦିଗପହଣ୍ଡି ବନ ବିଭାଗ କର୍ମଚାରୀ ଆସି ହରିଣଟିକୁ ଉଦ୍ଧାର କରି ଚିକିତ୍ସା ପରେ ନିକଟସ୍ଥ ଜଙ୍ଗଲରେ ଛାଡିଥିବାର ଜଣାପଡିଛି।

## ମିଞ୍ଜିଣିପାଟଣାରେ ବହୁବିଧ ପୂଜା

**ରମ୍ଭା,୨୮ ।୫(ସମିସ):** ମଙ୍ଗଳବାର ଦିନ ସ୍ଥାନୀୟ ମିଞ୍ଜିଣିପାଟଣା ମଝି ସାହିରେ ୭ ଦିନିଆ ବହୁବିଧ ପୂଜା କାର୍ଯ୍ୟକ୍ରମ ଜାଙ୍କଲ (ବଂଶ) ଓ ପାଲଙ୍ଗୁନୁ(ଗୋତ୍ର)୨୩ ପରିବାରର ୧୨୦ଟି ଜନ ସଂଖ୍ୟାର ପାରମ୍ପରିକ ପୂଜା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ପ୍ରତ୍ୟହ ତଥା ଦିନେ ଛଡା ଦିନେ ଏଲାମାଙ୍କୁ ନିମନ୍ତ୍ରଣ, ଗରାପା ପୂଜା, ନୃସିଂହନାଥ ପୂଜା, ଗଙ୍ଗା ଦେଇ ପୂଜା ହୋଇଥିଲା। କର୍ତ୍ତା ରୂପେ ରାମେୟା ପାତ୍ର ସହ ଧର୍ମିଣୀ କାମାଲୁ ପାତ୍ର ଅଧିଷ୍ଠିତ ହୋଇଥିଲେ। ପ୍ରତ୍ୟହ ପୂଜାରେ ଭିନ୍ନ ଭିନ୍ନ ପୁରୋହିତ ରହିଥିବାବେଳେ ମନୋରଞ୍ଜନ ପାଇଁ ଗୋଲା ନାଚ, ଭାରତଲୀଳା ପରିବେଷଣ ହୋଇଥିଲା।



ଏତଦ ବ୍ୟତୀତ ପ୍ରତ୍ୟହ ସୋ ଜାତି ସହିତ ଆମନ୍ତ୍ରିତ ଓ ନିମନ୍ତ୍ରିତ ଅତିଥି ମାନେ ପ୍ରସାଦ ସେବନ କରିଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁର ପୂର୍ବତନ ବିଧାୟକ ଏନ ନାରାୟଣ ରେଡିଙ୍କ ସହ ଧର୍ମିଣୀ ଏନ ଭାନୁମତି ରେଡି, ଜୟଶ୍ରୀ କେମିକାଲ ଗଞ୍ଜାମର ପ୍ରତାପ ବିଶ୍ୱାଳ, ସାଗର ବିଶ୍ୱାଳ, ପୂର୍ଣ୍ଣ ପଲେଇ ଓ ହରି ବିଶ୍ୱାଳ ପରିଦର୍ଶନ କରି ଫେରିଯାଇଥିବା କୁହାଯାଇଛି। ଯାତ୍ରାର ମୁଖ୍ୟ ପୃଷ୍ଠ ପୋଷକ ଗୋଲା ନାଚ ଗୁରୁ ଦୀନବନ୍ଧୁ ପାତ୍ର ରହିଥିବାବେଳେ ମୁଖ୍ୟାଂଶରେ ସହଯୋଗ କରିଥିଲେ। ଜେ ଦଣ୍ଡପାଣି ପାତ୍ର (ସଭାପତି), ଜେ ଲୋକନାଥ ପାତ୍ର (ସମ୍ପାଦକ ), ଜେ ମାଧବ, ଜେ ଗଙ୍ଗା ପାତ୍ର, ଜେ କାରଡା, ଜେ ନବଘନ, ଜେ ଲିଙ୍ଗା, ଜେ ଅର୍ଜୁନ ପ୍ରମୁଖ ରହିଥିବାବେଳେ ଅନ୍ୟମାନେ ସହଯୋଗ କରିଥିଲେ।

## ଅସ୍ଥାୟୀ ମଣ୍ଡପରେ ମା'ରାମାୟାଣାମ୍ମା
# ଆରମ୍ଭ ହେଲା ଘଟ ପରିକ୍ରମା

ଛତ୍ରପୁର,୨୮ ।୫(ସମିସ)

ଛତ୍ରପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା' ରାମାୟାଣାମ୍ମା ଠାକୁରାଣୀଙ୍କ ଯାତ୍ରା ପ୍ରତି ୨ବର୍ଷକୁ ଥରେ ହେଉଥିବା ବେଳେ ଚଳିତ ବର୍ଷ ମଧ୍ୟ ଏହି ଯାତ୍ରା ଧୁମଧାମରେ ଆରମ୍ଭ ହୋଇଛି। ଏହା ଜୁନ ୩୦ ପର୍ଯ୍ୟନ୍ତ ଚାଲିବ। ଯାତ୍ରା ଲାଗି ଛତ୍ରପୁର ସହର ଓ ଆଖପାଖ ଅଞ୍ଚଳ ଉତ୍ସବ ମୁଖରିତ ହୋଇପଡିଛି। ମା' ରାମାୟାଣାମ୍ମା ଠାକୁରାଣୀଙ୍କ ଯାତ୍ରା ଲାଗି ଆଜ୍ଞାମାଳ ଆସିଯାଇଛି। ସୋମବାର ବିଳମ୍ବିତ ରାତିରେ ମା'ଙ୍କ ମସ୍ତକରୁ ଫୁଲ ଚାଙ୍ଗୁଡ଼ିରେ ପଡିବା ପରେ ଠାକୁରାଣୀଙ୍କ ଯାତ୍ରା ଆରମ୍ଭ ହୋଇଛି। ମା' ଶାଶୁଘରୁ ତାଙ୍କ ବାପାଙ୍କ ଘରକୁ ଯାଇଥାନ୍ତି। ମାସେ ବ୍ୟାପୀ ଅସ୍ଥାୟୀ ମଣ୍ଡପରେ



ମା' ଦଶ ଭୁଜା ରୂପେ ପୂଜା ପାଆନ୍ତି। ମଙ୍ଗଳବାର ଦେବୀଙ୍କଠାରୁ ଆସିଥିବା ପୁଷ୍ପଟି ନିରାକାର ବ୍ରହ୍ମ ରୂପରେ ପୂଜା ପାଉଛନ୍ତି। ଅସ୍ଥାୟୀ ମଣ୍ଡପରେ ମା'ଙ୍କୁ ଦର୍ଶନ କରିଥିଲେ ବହୁ ଶ୍ରଦ୍ଧାଳୁ। ବୁଧବାର ସନ୍ଧ୍ୟାରେ ଅସ୍ଥାୟୀ ମଣ୍ଡପରେ ଦଶ ମହାବିଦ୍ୟା ପୂଜାର୍ଚ୍ଚନା, ହୋମ ବିଧିବଦ୍ଧ ସମାହିତ କରାଯାଇ ଦେବୀଙ୍କ ଦଶ ଭୁଜା ରୂପରେ ମା'ଙ୍କର ପ୍ରତିମା ଅଙ୍କନ କରାଯିବ। ସେହି ଦଶଭୁଜା ରୂପିଣୀ ଦେବୀଙ୍କୁ କଳସରେ ଘଟ ସଜାଇ ଘଟ ପରିକ୍ରମା ପ୍ରତ୍ୟେକ ଦିନ ହେବ। ଘଟରୂପେ ସଜାଯାଇଥିବା ହାଣ୍ଡିକୁ ୯ ଜଣ ମହିଳା ମସ୍ତକରେ ଧରିଥାନ୍ତି। ଚଳିତ ବର୍ଷ ମା'ଙ୍କ ଯାତ୍ରା ମ୍ୟାନେଜର ସିଏଚ ଦୟାନନ୍ଦ ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି।

## ମାଟ୍ରିକ୍ ପରୀକ୍ଷା
# ଅଂଶୁମାନ ଜଗନ୍ନାଥପ୍ରସାଦ ବ୍ଲକ୍ ଟପ୍ପର

**ଜଗନ୍ନାଥପ୍ରସାଦ,୨୮ ।୫(ସମିସ):** ଜଗନ୍ନାଥପ୍ରସାଦ ବ୍ଲକ କୁମ୍ଭାପଡା ପଞ୍ଚାୟତରେ ଥିବା ଗଦାଧର ପ୍ରଧାନ ହାଇସ୍କୁଲର ଛାତ୍ର ଅଂଶୁମାନ ପ୍ରଧାନ ଚଳିତ ମାଟ୍ରିକ ବୋର୍ଡରେ ୫୩୦ମାର୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଚଳିତ ବର୍ଷ ବିଦ୍ୟାଳୟର ୪୧ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ଏ୨ ଗ୍ରେଡରେ ଜଣେ, ବି୧ଗ୍ରେଡ ୨ଜଣ, ବି୨ ଗ୍ରେଡ ୪ଜଣ, ସି ଗ୍ରେଡ ୧୨ଜଣ, ଡି ଗ୍ରେଡ ୧୦ଜଣ, ଇ ଗ୍ରେଡରେ ୧୨ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି। ଚଳିତ ବର୍ଷ ବିଦ୍ୟାଳୟର ପାସ ହାର ଶତପ୍ରତିଶତ ଥିବା ପ୍ରଧାନ ଶିକ୍ଷକ କୁଞ୍ଜ ନାୟକ ସୂଚନା ଦେଇଛନ୍ତି। ଅଂଶୁମାନଙ୍କ ଜନ୍ମ ଜଣେ ଚାଷୀ ପରିବାରରେ ହୋଇଥିବା ବେଳେ ବାପା ସନ୍ତୋଷ ପ୍ରଧାନ ଜଣେ କୃଷକ ଓ ମା'ସୁଲୋଚନା ପ୍ରଧାନ ଗୃହିଣୀ ଅଟନ୍ତି।



ତେବେ ଜଗନ୍ନାଥ ପ୍ରସାଦ ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ ୩୧ଟି ସରକାରୀ ହାଇସ୍କୁଲ ଓ ଏକଗୋଟି ବେସରକାରୀ ବିଦ୍ୟାଳୟ ସହିତ ସର୍ବମୋଟ ୩୨ଟି ବିଦ୍ୟାଳୟରୁ ୧୬୬୩ ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ବେଳେ କୌଣସିଟି ଏ୧ଗ୍ରେଡରେ ପାସ ହୋଇ ନାହାନ୍ତି। ତେବେ ପୁରପଲ୍ଲୀର ଅଂଶୁମାନଙ୍କ ଏହି ସଫଳତାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ବାପାମାଆ, ଭାଇଭଉଣୀ, ସାଙ୍ଗସାଥି, ବନ୍ଧୁବାନ୍ଧବ ଓ ସହପାଠୀ ସମସ୍ତ ଶୁଭେଚ୍ଛା ଜଣାଇବା ସହ ଅଂଶୁମାନର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ଅଂଶୁମାନ ନିଜ ସଫଳତାର ଶ୍ରେୟ ନିଜ ପିତାମାତା ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଦେଇଛନ୍ତି।

## +୨ କଳା ପରୀକ୍ଷା
# ବି. ତୋଫାନ ପାତ୍ର ଛତ୍ରପୁର ବ୍ଲକ ଟପ୍ପର

**ଛତ୍ରପୁର,୨୮ ।୫(ସମିସ):** ଗତ ୨୬ ତାରିଖ ଦିନ +୨ ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗର ପରୀକ୍ଷା ଫଳାଫଳ ପ୍ରକାଶିତ ହୋଇଥିଲା। ଛତ୍ରପୁର ସ୍ଥିତ ପ୍ରତିଭା ଆବାସିକ ମହାବିଦ୍ୟାଳୟର ଯୁକ୍ତ୨ କଳା ବିଭାଗ ଛାତ୍ର ବି. ତୋଫାନ ପାତ୍ର ୪୯୪ ମାର୍କ ରଖି ଛତ୍ରପୁର ବ୍ଲକ ଟପ୍ପର ହୋଇଛନ୍ତି। ଏହା ସହିତ +୨ ବିଜ୍ଞାନରେ ଛାତ୍ରଙ୍କ ମଧ୍ୟରେ ଚେତନ ସାହୁ ୫୧୭ ମାର୍କ ରଖି ମହାବିଦ୍ୟାଳୟ ଟପ୍ପର ହୋଇଥିବା ବେଳେ ଛାତ୍ରୀଙ୍କ ମଧ୍ୟରେ ଶ୍ୱେତାଲିନ ମହାପାତ୍ର ୫୦୨ ମାର୍କ ରଖିଛନ୍ତି। କଜେଲରେ ସମସ୍ତ କୃତୀ



ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜଣାଇବା ସହିତ ମିଷ୍ଟାନ ବଣ୍ଟନ କରାଯାଇଛି। ସେହିପରି ପ୍ରତିଭା ଆବାସିକ ମହାବିଦ୍ୟାଳୟରେ +୨ ବିଜ୍ଞାନ ବିଭାଗରେ ସମୁଦାୟ ୧୨୭ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୦୫ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।୨୦ ଜଣ ଛାତ୍ରଛାତ୍ରୀ ଦ୍ୱିତୀୟ ଓ ୨ ଜଣ ତୃତୀୟ ହୋଇଛନ୍ତି। ଠିକ ସେହିପରି କଳା ବିଭାଗରେ ୬୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୫ ଜଣ ପ୍ରଥମ ଶ୍ରେଣୀରେ ୧୪ ଜଣ ଦ୍ୱିତୀୟ ଓ ୩୧ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିନ୍ମୟ ଦାଶ ଓ ନିର୍ଦ୍ଦେଶକ ମୃନ୍ମୟ ଦାଶଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକାମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରଙ୍କ ସଫଳତା




**ଆସିକା,୨୮ ।୫(ସମିସ):** ଆସିକା ପିଏମଶ୍ରୀ କେନ୍ଦ୍ରୀୟବିଦ୍ୟାଳୟରଦଶମଶ୍ରେଣୀ ଛାତ୍ର ସାଇ ସୁନ୍ଦର ଗୌଡ଼ ଚଳିତ ମାସ ୧୨.୫.୨୦୨୪ ରିଖରୁ ଆସିକା ରୁ ବାହାରି ୧୩.୫.୨୦୨୪ ଠାରୁ ୨୪.୫.୨୦୨୪ ରିଖ ପର୍ଯ୍ୟନ୍ତ ଆନ୍ଧ୍ର ପ୍ରଦେଶର ଶ୍ରୀହରିକୋଟା ଠାରେ ସର୍ବ ଭାରତୀୟସ୍ତରୀୟ ଯୁବ ବୈଜ୍ଞାନିକ କାର୍ଯକ୍ରମରେ ଯୋଗ ଦେଇ ଆସିକା ଫେରିଛନ୍ତି। ସେଠାରେ ଭାରତର ବିଶିଷ୍ଟ ବୈଜ୍ଞାନିକ ମାନଙ୍କ ଗହଣରେ ରହି ବିଭିନ୍ନ ପ୍ରକାର ଗବେଷଣା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସଫଳତା ହାସଲ କରି ଭବିଷ୍ୟତରେ ବୈଜ୍ଞାନିକ ହେବାପାଇଁ ମନସ୍ଥ କରିଛନ୍ତି। ଇସ୍ରୋର ‡ରେକ୍ଟର ଏସ, ରାଜ ରାଜନଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି ଏହା ଥିଲା ରାଜ୍ୟ ତଥା ଆସିକା ଅଞ୍ଚଳ ପାଇଁ ଗର୍ବ ଓ ଗୌରବ। ସାଇ ସୁନ୍ଦର ହେଉଛନ୍ତି ଟେକ୍ନିକାଲ ହାଇସ୍କୁଲର କ୍ରୀଡା ଶିକ୍ଷକ କୈଳାଶ ଗୌଡ଼ ତଥା ମାତା ମଧୁସ୍ମିତା ଗୌଡଙ୍କ ଦ୍ୱିତୀୟ ପୁତ୍ର। ସ୍କୁଲର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପ୍ରେରଣା ପାଇଁ ଏହି ସଫଳତା ପାଇଛନ୍ତି। ଏହି ଯୁବ ବୈଜ୍ଞାନିକ ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଡକାୟତି ଯୋଜନା ପଣ୍ଡ
# ୪ ଡକାୟତ ଗିରଫ, ମାରଣାସ୍ତ୍ର ଜବତ



**ଖଲ୍ଲିକୋଟ,୨୮ ।୫(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ପଥୁରିନାଳ ଠାରେ ଡକାୟତି ଯୋଜନା କରୁଥିବାବେଳେ ପୁଲିସ ଜଣେ ନାବାଳକ ସମେତ ୪ ଜଣଙ୍କୁ ଗିରଫ କରିଛି। ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁଙ୍କ ସୂଚନା ଅନୁଯାୟୀ, ପଥୁରିନାଳ ନିକଟରେ ଥିବା ସାତ ଭଉଣୀ ମନ୍ଦିରରେ ଏକ ଡକାୟତ ଦଳ ଡକାୟତି ଯୋଜନା କରୁଥିବା ଖବର ପାଇ ଥାନା ଏସଆଇ ପୂର୍ଣ୍ଣଚନ୍ଦ୍ର କିଶାନ, ପିଙ୍କିନି ପଟ୍ଟନାୟକ, ହାବିଲଦାର ଆରକେ. ରାଉତ କନେଷ୍ଟବଳ ଅଜୟ କୁମାର ବେହେରା ଓ ଅନ୍ୟ ପୁଲିସ କର୍ମଚାରୀ ମାନେ ଚଢ଼ଉ କରି ଜଣେ ନାବାଳକ ସମେତ ୪ ଜଣ ଡକାୟତଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତମାନେ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ବରପଦର ଗ୍ରାମର କାହ୍ନା ନାୟକ (୪୮), ବେଗୁନିଆପଡା ଥାନା ଅନ୍ତର୍ଗତ ସୁମଣ୍ଡଳ ଗ୍ରାମର ଅନିଲ କୁମାର ଜେନା (୨୨) ଓ ଗଗନ ବିଶ୍ୱାଳ ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ପୁଲିସ ଗୋଟିଏ ଖଣ୍ଡା, ଗୋଟିଏ ଛୁରୀ, ଗୋଟିଏ ଲୁହା ରଡ଼, ଦୁଇଟି ଅଫୁଟା ବୋମା ଓ ୪ଟି ଖାଲି ମଦ ବୋତଲ ଜବତ କରିଛି। ଏ ସମ୍ପର୍କରେ ଥାନା କେସନଂ୪୪୯/୨୪ ଅନୁଯାୟୀ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି ପୁଲିସ।

## ଚନ୍ଦନ ଯାତ୍ରାରେ ଅବ୍ୟବସ୍ଥା
# ପଲିଥିନ୍ ପାହାଡ଼ରେ ରମ୍ଭା ସହର

**ରମ୍ଭା,୨୮ ।୫(ସମିସ):** ରମ୍ଭା ସହରରେ ଐତିହାସିକ ଚନ୍ଦନ ଯାତ୍ରା ଚାଲିଛି। ତେବେ ଏହି ଯାତ୍ରାରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଯାତ୍ରାରେ ଲୋକଙ୍କ ଲାଗି ପାନୀୟ ଜଳ ଯୋଗାଇବାକୁ ଜଳ ଯୋଗାଣ ବିଭାଗର ଟାଙ୍କି ଅଣାଯାଇଥିଲେ ସୁଦ୍ଧା ସେଥିରେ ପାଣି ଆସୁନାହିଁ। ରମ୍ଭା ଚନ୍ଦନ ଯାତ୍ରାର ପଦାଧିକାରୀ ମାନଙ୍କ ପ୍ରସ୍ତୁତି ବୈଠକରେ ଆରମ୍ଭ ଠାରୁ ସମାପନ ପର୍ଯ୍ୟନ୍ତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସାମିଲ କରାଯାଇନଥିଲା। ବରଂ



ପ୍ରତିନିଧି ମାନେ ଚନ୍ଦନ ଯାତ୍ରାକୁ ସମ୍ମାନ ତଥା ସମର୍ଥନ କରି ଖବର ପ୍ରକାଶନ ମାଧ୍ୟମରେ ନିଜର ନୈତିକ ଦାୟିତ୍ୱ ଜାରି ରଖିଛନ୍ତି। ହେଲେ ଯାତ୍ରାର ବ୍ୟୟ ବରାଦର ହିସାବ ପଚାରା ଯିବା ଭୟରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଉପେକ୍ଷା କରାଯାଇଛି। ଖାଲି ସେତିକି ନୁହଁ ପ୍ରତିନିଧି ମାନେ ଦୃଷ୍ଟି ଗୋଚର କରିବା ପାଇଁ ଚାହିଁବା ବେଳେ ମୋବାଇଲ ନମ୍ବରକୁ ହ୍ୱାଟସପର ବ୍ଲକ ଲିଷ୍ଟରେ ପକାଯାଇଛି। ଅପରପକ୍ଷେ ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଭାବେ ହେଉନଥିବାରୁ ଯାତ୍ରାରେ ନିକଟରେ ତଥା ରମ୍ଭା ସହରେ ପଲିଥିନ ଓ ପ୍ଲାଷ୍ଟିକ ବୋତଲର ପାହାଡ଼ ସୃଷ୍ଟି ହୋଇଛି।

## ପଥରାପଲ୍ଲୀରେ ପାନୀୟ ଜଳ ସମସ୍ୟା
# ପୁରୁଣା କୂଅ ସଫା କଲେ ଗ୍ରାମବାସୀ

ଭଞ୍ଜନଗର,୨୮ ।୫(ସମିସ)

ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ କମିବାରେ ଲାଗିଛି ଭୂପୃଷ୍ଠ ଜଳସ୍ତର। ନଦୀ, ନାଳ, କୂଅ ଓ ପୋଖରୀ ସବୁ ଶୁଖିଗଲାଣି। ତେଣୁ ବହୁ ସ୍ଥାନରେ ପାଣି ପାଇଁ ଜୀବଜନ୍ତୁ ଓ ଲୋକମାନେ ହନ୍ତସନ୍ତ ହେଉଛନ୍ତି। ଗାଁ ଠାରୁ ସହର ସବୁଠି ପାଣି ସମସ୍ୟା। ଜଗନ୍ନାଥପ୍ରସାଦ ବ୍ଲକ ପ୍ରତାପୁର ପଞ୍ଚାୟତ ପଥରାପଲ୍ଲୀରେ ମଧ୍ୟ ଗ୍ରାମବାସୀ ଜଳକଷ୍ଟ ଭୋଗୁଛନ୍ତି। ଗ୍ରାମରେ ୫୦ରୁ ଉଦ୍ଧ୍ୱର୍ ପରିବାର ବାସ କରୁଥବା ବେଳେ ସେଠାରେ କେବଳ ତିନୋଟି ନଳକୂପ ରହିଛି। ହେଲେ ଅଚଳ କାରଣରୁ ସେଥିରୁ ଭଲଭାବେ ପାଣି ବହାରୁ ନଥିବାରୁ ଗ୍ରାମବାସୀଙ୍କ ପାଇଁ ଚିନ୍ତା ବଢିଯାଇଛି। ଖରାଦିନେ ଅଧିକ ଜଳ ଆବଶ୍ୟକ ହେଉଛି। ବ୍ଲକ ଓ ପଞ୍ଚାୟତ ତରଫରୁ ଜଳଯୋଗାଣର କୌଣସି ବ୍ୟବସ୍ଥା ହୋଇ ନଥିବା ବେଳେ ଗ୍ରାମବାସୀ ଏହାର କିଛି ବିକଳ୍ପ ଚିନ୍ତା କରି ନିଜ ସମସ୍ୟା ନିଜେ ଦୂର କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଗ୍ରାମର ଶେଷ ମୁଣ୍ଡରେ ଥିବା ଏକ ବହୁ ପୁରୁଣା ପଥର କୂଅକୁ ଭରସା କରି ତାହାକୁ ସଫା ସୁତରା କରିଛନ୍ତି। ପୂର୍ବରୁ ବର୍ଷ ବର୍ଷ ଧରି ଏହି କୂଅ ଗ୍ରାମବାସୀଙ୍କ ଆବଶ୍ୟକତା ପୂରଣ କରି ଆସୁଥିବା ବେଳେ ଏବେ ଦୀର୍ଘଦିନ ହେଲା ତାହା ବ୍ୟବହାର ନହୋଇ ରହିଛି। ତେଣୁ ବର୍ତ୍ତମାନ ସମୟରେ ଏହି କୂଅକୁ ସଫା କରି ବ୍ୟବହାର ଉପଯୋଗୀ କରିବା ପାଇଁ ଯୁବକ ମାନେ ଲାଗିପଡିଛନ୍ତି। ପୂର୍ବରୁ ଏହି କୂଅ ମଧୁର ଜଳ ଯୋଗାଇ ଆସୁଥିବା ବେଳେ ଏହାର ଜଳସ୍ତର ମଧ୍ୟ ସ୍ଥିର ରହିଛି। ତେଣୁ ଏଭଳି ପରିସ୍ଥିତିରେ ଜଳ ସଂଗ୍ରହ କରିବା ପାଇଁ ଏହା ଉପରେ ସମଗ୍ର ଗ୍ରାମବାସୀଙ୍କ ନଜର ରହିଛି।



# ଦୁର୍ବନ୍ଧରେ ଠାକୁରାଣୀ ଯାତ୍ରା

**କୁକୁଡାଖଣ୍ଡି,୨୮ ।୫(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଦୁର୍ବନ୍ଧ ଗ୍ରାମର ଇଷ୍ଟ ଦେବୀ ମା'ବୁଢୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ୨୧ ଦିନିଆ ଯାତ୍ରା ମଙ୍ଗଳବାର ୨୦ ଦିନରେ ପହଞ୍ଚିଛି। ଯାତ୍ରା ପାଇଁ ଆକର୍ଷଣୀୟ ତୋରଣ, ରଙ୍ଗ ବେରଙ୍ଗର ମାଳ ସହ ଆଲୋକମାଳାରେ ସମ୍ପୂର୍ଣ୍ଣ ଗ୍ରାମ ଝଲସି ଉଠିଛି। ମାନସିକଧାରୀ ମାନେ କୃଷ୍ଣ, ବଳରାମ, ରାମ, ସୀତା, ହନୁମାନ, ବାଘ, ବାଘୁଣୀ, ଡାହାଣୀ, ଅସୁରୁଣୀ, କାଚରା ସମେତ ବିଭିନ୍ନ ବେଶରେ ନିଜକୁ ସୁସଜ୍ଜିତ କରି ଗ୍ରାମ ପରିକ୍ରମା କରୁଛନ୍ତି। ବାଘବେଶ ହେଉଛି ଯାତ୍ରାର ଅନ୍ୟତମ ଆକର୍ଷଣ। ଯାତ୍ରା ସକାଶେ ଗ୍ରାମରେ ବହୁ ପସରା ଖୋଲିଛି। ଦିନ ତମାମ ନିକଟବର୍ତ୍ତୀ ଅଞ୍ଚଳର ବହୁ ଦର୍ଶନାଭିଳାଷୀ ଓ ଯାତ୍ରା ପ୍ରେମୀଙ୍କ ଭିଡ ରହୁଥିବା ବେଳେ ସନ୍ଧ୍ୟାରେ ଗ୍ରାମର ବିଭିନ୍ନ ସାହିରେ ନିର୍ମିତ ଆକର୍ଷଣୀୟ କଳାକୁଞ୍ଜ ଦେଖିବାକୁ ପ୍ରବଳ ଜନସମାଗମ ହେଉଛି। ଯାତ୍ରା ସକାଶେ ବିଭିନ୍ନ ସାହିରେ ୩୦ଟି କଳାକୁଞ୍ଜ ନିର୍ମିତ ହୋଇଛି। ବେଲପଡା ସାହିରେ ଜ୍ୱାଳାମୁଖି, ଡେରା ସାହିରେ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରା କଳାକୁଞ୍ଜ, ରଥ ସ୍ଥାପନ କରାଯାଇ ମା'ଙ୍କୁ ଆମନ୍ତ୍ରଣ କରାଯାଇଛି। ବିଭିନ୍ନ ସାହିରେ ଯୁବ ସମାଜ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଭକ୍ତଙ୍କୁ ଥଣ୍ଡା ପାନୀୟ ଜଳ, ପଣା, ସର୍ବତ ବଣ୍ଟନ କରାଯାଉଛି। ଭିଡକୁ ଦୃଷ୍ଟିରେ ରଖି ବେଲଗାଁ ଥାନା ପକ୍ଷରୁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଯାତ୍ରା ସକାଶେ ବିଭିନ୍ନ ସାହିରେ ବିଭିନ୍ନ ରକମର ଖେଳନା, ଘର କରଣା ଉପକରଣ ପ୍ରମୁଖ ସାମଗ୍ରୀର ଅସ୍ଥାୟୀ ଦୋକାନ ବଜାରମାନ ଗଢି ଉଠିଛି। ମଙ୍ଗଳବାର ସନ୍ଧ୍ୟାରେ ଯାତ୍ରା କମିଟି ତରଫରୁ ବିଭିନ୍ନ ସାହିରେ ପୌରାଣିକ ନାଟକ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ "ଭୁଲ ତୋର ଭୋଗୁଚି ମୁଁ' ଅପର ମଞ୍ଚସ୍ଥ ହେବ। ମା' ବୁଢୀ ଠାକୁରାଣୀଙ୍କ ଘଟ ବାଦ୍ୟ ବାଜଣା, ଘଣ୍ଟ, ମହୁରୀ, ଶଙ୍ଖ ତାଳେ ତାଳେ ପଶୁ ନୃତ୍ୟ, ବାଘ, ଚଇତି ଘୋଡା ସହ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଉଛି। ବୁଧବାର ଅସ୍ଥାୟୀ ମଣ୍ଡପରୁ ମା'ନିଜ ମନ୍ଦିରକୁ ଫେରିବେ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି।



### ଖବର ପ୍ରକାଶ ପରେ ପ୍ରଶାସନର ତତ୍ପରତା

# ସଫା ହେଲା ଜଗନ୍ନାଥ ମନ୍ଦିର ସମ୍ମୁଖ ନାଳ







'ସକାଳ' ପ୍ରଭାବ

## ନଗରପାଳ ଓ କାଉନସିଲରଙ୍କୁ ଧନ୍ୟବାଦ ଜଣାଇଲେ ଜଗନ୍ନାଥ ପ୍ରେମୀ

**ନବରଙ୍ଗପୁର,୨୮।୫(ସମିସ):** ଓଡ଼ିଶାର ଅଗ୍ରଣୀ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରସାରଣ ପରେ ଶେଷରେ ସଫା ହେଲା ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖ ନାଳ। ନବରଙ୍ଗପୁର ସହରର କେନ୍ଦ୍ରସ୍ଥଳୀରେ ରହିଥିବା ଶ୍ରୀଜଗନ୍ନାଥ ମନ୍ଦିରର ସାମନା ନାଳ ସଫା ନ ହେବାକୁ ନେଇ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ମଙ୍ଗଳବାର 'ସକାଳ' ଖବରକାଗଜରେ ଏକ ଖବର ପ୍ରକାଶ ପାଇଥିଲା।

ସହରର ସର୍ବପୁରାତନ ରାଜାରାଜୁଡ଼ା ଅମଳରୁ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ଏହାର ନିର୍ମାଣ କାର୍ଯ୍ୟ ମଧ୍ୟ ଏକ ପ୍ରକାର ଐତିହାସିକ ସାଜସଜ୍ଜା ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲା ଓ ଜିଲ୍ଲା ବାହାରେ ପ୍ରସିଦ୍ଧିଲାଭ କରିଛି। ତେବେ ଏହାର ସାମ୍ନା ଦେଇ ଯାଇଥିବା ନାଳ ଯୋଗୁଁ ମନ୍ଦିରର ଆଧ୍ୟାତ୍ମିକ ପରିବେଶ ନଷ୍ଟ ହୋଇଥିଲା। ଏହି ନାଳରେ ଆଖପାଖ ହୋଟେଲ ଓ ଦୋକାନମାନଙ୍କରୁ ଅପରିଷ୍କାର ମଣ୍ଡ ଏବଂ ବହୁ ଅଳିଆ ଜମା ହେଉଥିବାରୁ ଏଥିରୁ ନିର୍ଗତ ପଚା ଦୁର୍ଗନ୍ଧ ମନ୍ଦିର ପରିବେଶକୁ ସମ୍ପୂର୍ଣ୍ଣ ନଷ୍ଟ କରୁଥିଲା। ଏହି ନାଳ ନିକଟରେ ଗରୁଡ଼ସ୍ତମ୍ଭ ରହିଥିବାରୁ ଶ୍ରଦ୍ଧାଳୁମାନେ ଦୁର୍ଗନ୍ଧ ସହ୍ୟ କରି ନ ପାରି ପରିସ୍ଥିତିରେ ପଡ଼ି ବାଧ ହୋଇ ନାକ ବନ୍ଦ କରି ଗରୁଡ଼ଙ୍କୁ ମୁଣ୍ଡିଆ ହୋଇ ସଙ୍ଗେ ସଙ୍ଗେ ଚାଲିଯାଉଥିଲେ ଭକ୍ତ। ଅପରପକ୍ଷେ ଆସନ୍ତା ମାସ ୨୨ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା ଓ ଜୁଲାଇ ୭ ତାରିଖରେ ଶ୍ରୀଗୁଣ୍ଡିଚା ଯାତ୍ରା ରହିଛି। ଏହି ପର୍ବ ପାଳନ ପାଇଁ ମନ୍ଦିର ଭିତର ଓ ସମ୍ମୁଖ ଉତ୍ସବମୁଖର ହେବାକୁ ଥିବାବେଳେ ନାଳର ବିକଳ ଚିତ୍ର ଶ୍ରଦ୍ଧାଳୁମାନଙ୍କୁ ବିଚଳିତ କରିବ ବୋଲି ଶ୍ରଦ୍ଧାଳୁମାନେ ପୂର୍ବରୁ ବହୁବାର ଅଭିଯୋଗ ମଧ୍ୟ କରିଥିଲେ। ତେବେ ଏନେଇ ନବରଙ୍ଗପୁର ନଗରପାଳ କୁନୁ ନାୟକ ଏବଂ ପୌରପାଳିକା ସାନିଟେସନ ଦାୟିତ୍ୱରେ ଥିବା ରାମ ଦାଶଙ୍କୁ ଏହି ନାଳ ସମ୍ପର୍କରେ ପଚାରିବାରୁ ନିୟମିତ ପୌର ପରିଷଦର ସମସ୍ତ ସ୍ଥାନରେ ସଫେଇ ଚାଲିଛି। ଅତିଶୀଘ୍ର ଏହି ସଫେଇ କାର୍ଯ୍ୟ ମଧ୍ୟ କରି ସମସ୍ୟାର ସମାଧାନ କରାଯିବ ଏବଂ ଯଥାଶୀଘ୍ର ଯୁଦ୍ଧକାଳୀନ ଭିତ୍ତିରେ ନାଳ ସଫା କରିବା ସହ ମନ୍ଦିର ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ରଖାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପ୍ରକାରେ ମଙ୍ଗଳବାର ନଗରପାଳ କୁନୁ ନାୟକ, ୧୦ ନମ୍ବର ୱାର୍ଡ କାଉନସିଲର ଏ. ସତିଶ ଏବଂ ପୌର କର୍ମଚାରୀ ଉକ୍ତ ସ୍ଥାନରେ ଉପସ୍ଥିତ ରହି ମନ୍ଦିର ସମ୍ମୁଖ ସମ୍ପୂର୍ଣ୍ଣ ନାଳ ଭିତରୁ ମାଟି କାଦୁଆ ବାହାର କରି ସଫେଇ କର୍ମଚାରୀଙ୍କ ମାଧ୍ୟମରେ ସଫେଇ କରିଛନ୍ତି। ଯାହା ଫଳରେ କି ବର୍ତ୍ତମାନ ମଇଳା ନ ଜମି ସଠିକ୍ ଭାବରେ ପାଣି ଯିବାର ସମ୍ଭାବନା ପରିଲକ୍ଷିତ ହେଉଛି। ସେଥିପାଇଁ ଖବର କାଗଜରେ ଖବର ପ୍ରସାରଣ ସହିତ କଥାଦେଇ ସଠିକ୍ ସମୟ ମଧ୍ୟରେ ସଫେଇ କାର୍ଯ୍ୟକୁ ସଠିକ୍ ଢଙ୍ଗରେ ସମ୍ପାଦନ କରିଥିବାରୁ ନଗରପାଳ କୁନୁ ନାୟକ ଏବଂ କାଉନସିଲରଙ୍କୁ ଆନ୍ତରିକତାର ସହିତ ଅଶେଷ ଅଶେଷ ଧନ୍ୟବାଦ ଜଣାଇଛନ୍ତି ସହରର ସମସ୍ତ ଜଗନ୍ନାଥ ଭକ୍ତ ଏବଂ ଜନସାଧାରଣ।

### ଆଜି 'ସକାଳ ଓ ନନ୍ଦିଘୋଷ ଟିଭି' ପକ୍ଷରୁ 'ମାଟ୍ରିକ ଉତ୍କର୍ଷ ସମ୍ମାନ' ସମାରୋହ

# ଜୟପୁରଠାରେ ସମ୍ବର୍ଦ୍ଧିତ ହେବେ ୪ ଜିଲ୍ଲା, ବ୍ଲକ୍ ଟପ୍ପର ଓ ଶ୍ରେଷ୍ଠ ବିଦ୍ୟାଳୟ

**ରାୟଗଡ଼ା/ନବରଙ୍ଗପୁର/କୋରାପୁଟ,୨୮।୫(ସମିସ):** ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କୋରାପୁଟ ଜିଲ୍ଲା ଜୟପୁରଠାରେ ଦୈନିକ ଖବର କାଗଜ 'ସକାଳ ଓ ନନ୍ଦିଘୋଷ ଟିଭି' ୟୁନିଟ୍ ପକ୍ଷରୁ ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖି ଜିଲ୍ଲା ପାଇଁ ଗୌରବ ଆଣିଥିବା ଅବିଭକ୍ତ କୋରାପୁଟ ଜିଲ୍ଲାର ପରୀକ୍ଷାର୍ଥୀ ଓ ଜିଲ୍ଲାର ଭଲ ରେଜଲ୍ଟ ରଖି ଟପ୍ପର ହୋଇଥିବା ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ମାଟ୍ରିକ୍ ଉତ୍କର୍ଷ ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଇ ସେମାନଙ୍କୁ ଉତ୍ସାହିତ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ଜୟପୁର ସ୍ଥିତ ଅଗ୍ରସେନ ଭବନଠାରେ 'ସକାଳ' ଜୟପୁର ସଂସ୍କରଣ ପକ୍ଷରୁ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲ୍ଲାର ମାଲକାନଗିରି, ନବରଙ୍ଗପୁର, କୋରାପୁଟ ଓ ରାୟଗଡ଼ା ୪ଟି ଜିଲ୍ଲାର ଜିଲ୍ଲା ଟପ୍ପର, ବ୍ଲକ୍ ଟପ୍ପର ଓ ଶ୍ରେଷ୍ଠ ବିଦ୍ୟାଳୟକୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁର, ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି, ପାପଡ଼ାହାଣ୍ଡି, କୋଷାଗୁମୁଡ଼ା, ଡାବୁଗାଁ, ଉମରକୋଟ, ରାଇଘର, ଝରିଗାଁ ଏବଂ ଚନ୍ଦାହାଣ୍ଡି ଆଦି ୧୦ଟି ବ୍ଲକର ବ୍ଲକ୍ ଟପ୍ପର ଛାତ୍ରଛାତ୍ରୀଙ୍କୁ ଚଳିତ ବର୍ଷର 'ମାଟ୍ରିକ୍ ଉତ୍କର୍ଷ ସମ୍ମାନ'ରେ ସମ୍ମାନିତ କରାଯିବ। ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା ବ୍ଲକ୍ ଆମ୍ବୋଦଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦଶମ ଶ୍ରେଣୀ ଛାତ୍ରୀ ପ୍ରାଚୀ ପ୍ରତ୍ୟୁଷା ମିଶ୍ର ୯୩.୮ ପ୍ରତିଶତ ହାରରେ ୫୬୩ ନମ୍ବର ମାର୍କ ଆଣି ଏ-୧ ଗ୍ରେଡ୍ ରଖି ଜିଲ୍ଲା ଟପ୍ପର ହୋଇଥିବାରୁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବାକୁ ଥିବାବେଳେ ରାୟଗଡ଼ା ସହରର ଗାୟତ୍ରୀ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏ-୧ ଗ୍ରେଡରେ ୪ଜଣ ପରୀକ୍ଷାର୍ଥୀ ପାସ୍ କରି ବିଦ୍ୟାଳୟକୁ ଭଲ ରେଜଲ୍ଟ ଦେଇଥିବାରୁ ଜିଲ୍ଲାର ଟପ୍ପର ବିଦ୍ୟାଳୟ ଭାବେ ଉକ୍ତ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ସୁଧୀର କୁମାର ନେଗୀଙ୍କୁ ମଧ୍ୟ ସମ୍ମାନିତ କରାଯିବ। ସେହିପରି ଜିଲ୍ଲାର ଅନ୍ୟାନ୍ୟ ବିଦ୍ୟାଳୟରେ ବିଭିନ୍ନ ଗ୍ରେଡରେ ପାସ୍ ହୋଇ ବ୍ଲକ୍ ଟପ୍ପର ହୋଇଥିବା ୧୧ଜଣ କୃତୀ ଛାତ୍ରଛାତ୍ରୀ ମଧ୍ୟ ଏହି ସମ୍ମାନରେ ସମ୍ମାନିତ ହେବେ। କୋରାପୁଟ ଜିଲ୍ଲାର ଜୟପୁର ସାରଦା ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନଶିକ୍ଷକ ସତ୍ୟ ନାରାୟଣ ସେଠୀ, ଜିଲ୍ଲା ଟପ୍ପର ଅଭିନବ ପଣ୍ଡାଙ୍କ ସମେତ କୋରାପୁଟ ବ୍ଲକ୍ ଟପ୍ପର ଭାରତୀ ଜାଲା, ସେମିଳିଗୁଡ଼ା ଟପ୍ପର ଆୟୁଷ ପାଢ଼ୀ, ପଟ୍ଟାଙ୍ଗିର ରଜନୀ ଖରା, ନନ୍ଦପୁରର ସ୍ମୃତିଲେଖା ପଣ୍ଡା, ନାରାୟଣପାଟଣାର ତୁମୁକି ବେହେରା, ଲମତାପୁଟର କଳ୍ପତରୁ ଦାସ, ଲକ୍ଷ୍ମୀପୁରର ଦେବାଶିଷ ବେହେରା, ବନ୍ଧୁଗାଁର ମାଝି ପୂଜା ନାଇଡୁ, କୁନ୍ଦୁରା ବ୍ଲକର କାଦମ୍ବିନୀ ଗୌଡ଼, ବୋରିଗୁମ୍ମାର ଦେବାଶିଷ ଦାଶ ଓ ପୁନମ ପଣ୍ଡା, ବୈପାରିଗୁଡ଼ାର ଆଦ୍ୟାଶା ପ୍ରଧାନ ଓ କୋଟପାଡ଼ର ଆର୍ଯ୍ୟା ଅର୍ପିତା ମିଶ୍ର ପ୍ରମୁଖ ୧୪ ଜଣ ବ୍ଲକ ଟପ୍ପରଙ୍କୁ ସମ୍ମାନିତ କରାଯିବ ବୋଲି ଜଣାପଡ଼ିଛି। ଉକ୍ତ କାର୍ଯ୍ୟକ୍ରମକୁ ଜୟପୁର ସଂସ୍କରଣ ମୁଖ୍ୟ ରାକେଶ କୁମାର ପାଢ଼ୀ ସଞ୍ଚାଳନା କରିବା ସହିତ ଅନ୍ୟମାନେ ପରିଚାଳନାରେ ସହଯୋଗ କରିବେ।




### ■ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ବିଦ୍ୟୁତ୍ କାଟ୍

## ରାୟଗଡ଼ାରେ ଜନଜୀବନ ଅସ୍ତବ୍ୟସ୍ତ

**ରାୟଗଡ଼ା,୨୮।୫(ସମିସ):** ଗତ ଦୁଇ ଦିନ ଧରି ରାୟଗଡ଼ାରେ ଗ୍ରୀଷ୍ମ ପ୍ରବାହ କମ୍ ଥିବାବେଳେ ଦିନରେ କିନ୍ତୁ ଅସହ୍ୟ ଗୁଳୁଗୁଳି ଅଣାୟତ କରିଛି। ଏହା ସହିତ ଅଘୋଷିତ ବିଦ୍ୟୁତ୍ କାଟରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ମଙ୍ଗଳବାର ରାୟଗଡ଼ାରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ଅସହ୍ୟ ଗୁଳୁଗୁଳି ଲାଗି ରହିଥିଲା। କାଳବୈଶାଖୀର ମଧ୍ୟ କୌଣସି ଦେଖା ନ ଥିବାରୁ ତାତି ତଥା ଗୁଳୁଗୁଳିରୁ ବର୍ତ୍ତିପାରୁ ନାହାନ୍ତି ରାୟଗଡ଼ା ସହରବାସୀ। ଗତ ୧ରୁ ୨୫ ତାରିଖ ମଧ୍ୟରେ ୮୦ ମିଲିମିଟର ବର୍ଷା ହୋଇଥିବାବେଳେ ୨୬ ତାରିଖଠାରୁ ଆଉ ବର୍ଷା ହୋଇନାହିଁ। ତେଣୁ ଅଧିକ ଆର୍ଦ୍ରତା ଯୋଗୁଁ ଅସହ୍ୟ ଗୁଳୁଗୁଳି ବୃଦ୍ଧି ପାଇଛି। ଜୁନର ଦ୍ୱିତୀୟ ସପ୍ତାହରେ ମୌସୁମୀ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଥିବାବେଳେ ଗୁଳୁଗୁଳି ଓ ତାତିକୁ ନେଇ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅପରପକ୍ଷେ ରାୟଗଡ଼ା ଟିପିଏସ୍ଓଡିଏଲ୍ ବିଦ୍ୟୁତ୍ ସଂସ୍ଥାର ଅଘୋଷିତ ବିଦ୍ୟୁତ୍ କାଟ୍ ସହରର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଆଣୁଥିବାବେଳେ ଯୁଦ୍ଧକାଳୀନ ଭିତ୍ତିରେ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବାକୁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଥିବା ନେଇ ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବିଶେଷ କରି ସହରର ରିଙ୍ଗରୋଡରେ ଥିବା ଗାୟତ୍ରୀ ନଗର, କୋ-ଅପରେଟିଭ କଲୋନୀ, ରାଣୀଗୁଡ଼ା ଫାର୍ମ, ନ୍ୟୁ କଲୋନୀ ଆଦି ଅଞ୍ଚଳରେ ଅତ୍ୟଧିକ ବିଦ୍ୟୁତ୍ କାଟ୍ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି।




### ● ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ

## ଗାଁରେ ନାପକିନ୍ ବାଣ୍ଟି ସଚେତନ କଲେ ଗାନ୍ଧୀ ଫେଲୋସିପ୍ ବିଦ୍ୟାର୍ଥୀ



**ତେନ୍ତୁଳିଖୁଣ୍ଟି,୨୮।୫(ସମିସ):** ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିରାମଲ ସ୍ୱାସ୍ଥ୍ୟ ଓ ଏଲଡବ୍ଲ୍ୟୁଏସ୍ ଆଇଟିର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ତେନ୍ତୁଳିଖୁଣ୍ଟି ବ୍ଲକ କୁକୁଡ଼ାବାଇ ପଞ୍ଚାୟତ ଅନ୍ତର୍ଗତ ବିଜ୍ରାଗୁଡ଼ା ଗ୍ରାମରେ ସ୍ଥାନୀୟ କିଶୋରୀ ବାଳିକାମାନଙ୍କ ଉପସ୍ଥିତି ରେ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଅନୁଷ୍ଠିତ ହୋଇଯାଇଛି। ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ସମଲେଇ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ସଚେତନତା ସଭାରେ ମାସିକ ଋତୁସ୍ରାବ ଦିବସର ଗୁରୁତ୍ୱ ଏବଂ ଏହି ଦିନ ପାଳନ କରିବାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ସଭାରେ ଏସପିଏମ୍ ଚନ୍ଦ୍ରଶେଖର ପଟ୍ଟନାୟକ, ଏଲଡବ୍ଲ୍ୟୁଏସ୍ ଆଇଟି ପକ୍ଷରୁ ସତ୍ୟଶ୍ରୀ ନାୟକ, ପିରାମଲ୍ ସ୍ୱାସ୍ଥ୍ୟ ଅନୁଷ୍ଠାନ ପକ୍ଷରୁ ଧିରଜ ବାଘ, ଦେବ ପ୍ରସାଦ ହରିଜନ, ବରିଷ୍ଠ ଶିକ୍ଷକ ଅଜୟ କୁମାର ନନ୍ଦ, ସିଏଚ୍ଓ ଲିଲିରାଣୀ ପାଲ, ମହିଳା ସ୍ୱାସ୍ଥ୍ୟ କର୍ମୀ ପଦ୍ମିନୀ ସାହୁ ପ୍ରମୁଖ ଉପସ୍ଥିତ ରହି କିଶୋରୀ ବାଳିକାମାନଙ୍କୁ ଋତୁସ୍ରାବ ସମୟରେ ସ୍ୱଚ୍ଛତା ଏବଂ ନିରାପତ୍ତା ବିଷୟରେ ଅବଗତ କରାଇବା ସହିତ ଋତୁସ୍ରାବ ଏକ ଜୈବିକ ପ୍ରକ୍ରିୟା ଅଟେ। ତେବେ ଏବେ ବି ସମାଜରେ ଏହାକୁ ନେଇ ଅନେକ ଦ୍ୱନ୍ଦ୍ୱ ଓ ଅନ୍ଧବିଶ୍ୱାସ ରହିଛି। ୨୦୧୪ରୁ ପ୍ରତ୍ୟେକ ବର୍ଷ ମେ' ମାସ ୨୮ ତାରିଖକୁ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଭାବେ ପାଳନ କରାଯାଉଛି। ଋତୁସ୍ରାବକୁ ନେଇ ଥିବା ସମସ୍ତ ଅନ୍ଧବିଶ୍ୱାସକୁ ଦୂର କରି ସତର୍କ କରାଇବା ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ ବୋଲି ସଚେତନ କରିଥିଲେ। ସଚେତନତା ସଭା ପରେ ଉପସ୍ଥିତ ୮୦ରୁ ଉର୍ଦ୍ଧ୍ୱ କିଶୋରୀ ବାଳିକାମାନଙ୍କ ମଧ୍ୟରେ ଖେଳ ଏବଂ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଗାନ୍ଧୀ ଫେଲୋସିପ୍ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଗାଁରେ କିଶୋରୀ ବାଳିକାମାନଙ୍କୁ ୧୦୦ଟି ନାପକିନ୍ ବାଣ୍ଟି ସଚେତନତାର ବାର୍ତ୍ତା ଦେଇଥିଲେ। ଏହି ସଚେତନତା ସଭା ଆୟୋଜନରେ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ ରାଧାମଣୀ ହରିଜନ, ସାବିତ୍ରୀ ଟାକ୍ରି, ଜେମାମଣି ବାଘ, ସିମ୍ରନ୍, ଟିନା ଗରଡ଼ା, ଗାନ୍ଧୀ ଫେଲୋ ଅମ୍ରିତା ଲାକ୍ରା, ରିନା ସୁଧୀର ସିକଦାର, ଅମିତ୍ ଯାଦବ, ମାଖନ୍ ସିଂ ଧୁର୍ବେ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସସିଏଚ୍ଓ ଲିଲିରାଣୀ ପାଲ୍ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ସମାପନ କରିଥିଲେ।

### ● ଡକରାଦୋରା ଜଳପ୍ରପାତରୁ ଯୁବକ ନିଖୋଜ ଘଟଣା

## ୨୪ ଘଣ୍ଟା ପରେ ମୃତଦେହ ଉଦ୍ଧାର

**ତେନ୍ତୁଳିଖୁଣ୍ଟି,୨୮।୫(ସମିସ):** ଡକରାଦୋରା ଜଳପ୍ରପାତରେ ଯୁବକ ନିଖୋଜ ହେବାର ୨୪ ଘଣ୍ଟା ପରେ ମଙ୍ଗଳବାର ସକାଳୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଯୁବକ ଜଣକ ତେନ୍ତୁଳିଖୁଣ୍ଟି ବ୍ଲକ୍ ପୂଜାରୀଗୁଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାନ୍ଦ୍ରାଗୁଡ଼ା ଗ୍ରାମର ଗାମୁନିଏଲ ସୁନା ବୋଲି ଜଣାପଡ଼ିଛି। କାନ୍ଦ୍ରାଗୁଡ଼ା ଗ୍ରାମର ଗାମୁନିଏଲଙ୍କ ସହ ଅନ୍ୟ ପାଞ୍ଚ ଜଣ ଯୁବକ ତେନ୍ତୁଳିଖୁଣ୍ଟି ସଦର ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାଗୁଡ଼ା ନିକଟରେ ଥିବା ଡକରାଦୋରା ଜଳପ୍ରପାତକୁ ସୋମବାର ଅପରାହ୍ଣରେ ବୁଲିବାକୁ ଯାଇଥିଲେ। ଗାମୁନିଏଲ ଜଳପ୍ରପାତ ମଧ୍ୟରେ ଗାଧୋଉଥିଲେ। ଗାଧୋଇ ସାରି ଉପରକୁ ଆସୁଥିବା ସମୟରେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ପଥର ଦେହରେ କଚାଡ଼ି ହୋଇ ଜଳପ୍ରପାତରେ ପଡ଼ି ଯାଇଥିଲେ। ଏହାପରେ ଗଭୀର ପାଣି ଭିତରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ସାଙ୍ଗରେ ଯାଇଥିବା ଯୁବକମାନେ ଏହି ଖବର ଜଣାଇବା ପରେ ତେନ୍ତୁଳିଖୁଣ୍ଟି ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ବହୁ ସମୟ ଧରି ଖୋଜାଖୋଜି କରିବା ପରେ ମଧ୍ୟ ପତ୍ତା ମିଳି ନ ଥିଲା। ମଙ୍ଗଳବାର ଯୁବକଙ୍କ ମୃତଦେହ ପାଣିରେ ଭାସିବା ପରେ ଉଦ୍ଧାର ହୋଇଥିବା ଥାନା ଅଧିକାରୀ ଗୋପାଳ କୃଷ୍ଣ ଆଗୁପାତ୍ର ସୂଚନା ଦେଇଛନ୍ତି। ଗାମୁନିଏଲଙ୍କ ମୁଣ୍ଡରେ ଆଘାତ ଲାଗିଥିବା ଜଣାପଡ଼ିଛି।



ଏନେଇ ତେନ୍ତୁଳିଖୁଣ୍ଟି ଥାନାରେ ଏକ ଅପମୃତ୍ୟୁ ମାମଲା(୮/୨୪) ରୁଜୁ ହୋଇଛି। ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଏସ୍ଆଇ ରେଣୁ ପ୍ରସାଦ ପଟ୍ଟନାୟକ ତଦନ୍ତ କରୁଛନ୍ତି। ଏହି ଦୁଃଖଦ ଖବର ପାଇଁ କାନ୍ଦ୍ରାଗୁଡ଼ାରେ ଶୋକର ଛାୟା ଖେଳିଯାଇଛି।

## ମୋବାଇଲ୍ ଗେମ୍ ଖେଳିବାକୁ ବାରଣ କରିବାରୁ ନାବାଳିକାର ଆତ୍ମହତ୍ୟା

**ମାଲକାନଗିରି,୨୮।୫(ସମିସ):** ମୋବାଇଲ୍ ଫୋନ୍ ସମାଜ ପାଇଁ ଯେତେ ଉପକାର ତା'ଠାରୁ ଅଧିକ କ୍ଷତିକାରକ ହେଉଛି। ପିଲାମାନଙ୍କ ବ୍ୟବହାର, ପିଲାମାନେ ପାଠପଢ଼ା ବଦଳରେ ମୋବାଇଲ ଫୋନରେ ଭିଡିଓ ଗେମ୍ ଖେଳି ଟଙ୍କା ପଇସା ହରାଇବା, ଅଶ୍ଳୀଳ ଭିଡିଓ ଦେଖି ବିପଥଗାମୀ ହେବା, ସାଙ୍ଗସାଥୀମାନଙ୍କ ସହିତ ଅଯଥାରେ ଗପି ସମୟ ବରବାଦ କରୁଥିବା ଦେଖିବାକୁ ମିଳିଛି। ପରିବାର ଲୋକେ ମୋବାଇଲ ଗେମ ଖେଳିବା ଓ ଅନ୍ୟମାନଙ୍କ ସହିତ ଗପିବା ବାରଣ କରିବାରୁ ଉକୁଣୀମରା ଔଷଧ ଖାଇ ଜଣେ ନାବାଳିକା ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ମାଲକାନଗିରି ଥାନା ବେଜାଗୁଡ଼ା ପଞ୍ଚାୟତ ପୁଲାପାଲ୍ଲୀ କଲୋନୀରେ ଜଣେ ୧୪ ବର୍ଷୀୟା ନାବାଳିକା ଉକୁଣୀମରା ଔଷଧ ଖାଇ ଆତ୍ମହତ୍ୟା କରିଥିବାର ଜଣାପଡ଼ିଛି। ସେ ପାଠ ନ ପଢ଼ି ସବୁବେଳେ ମୋବାଇଲ୍ ଫୋନରେ ଗପିବା ଓ ଭିଡିଓ ଗେମ୍ ଖେଳୁଥିବାରୁ ତାକୁ ପରିବାର ଲୋକେ ବାରଣ କରିଥିଲେ ମଧ୍ୟ କିଛି ଶୁଣି ନଥିଲା। ଗତ ସୋମବାର ସେ ମୋବାଇଲ ଫୋନରେ ଗପୁଥିବାବେଳେ ପରିବାର ଲୋକେ ତା'ଠାରୁ ମୋବାଇଲ ଫୋନ୍ ଛଡ଼ାଇ ନେଇ ନିଜ କାମରେ ବାହାରକୁ ପଳାଇଥିଲେ। କିଛି ଘଣ୍ଟା ପରେ ଘରେ ଆସି ଦେଖିଲା ବେଳକୁ ଝିଅ ବାନ୍ତି କରି ପଡ଼ିଛି। ତାକୁ ପଚାରିବାରୁ ସେ କହିଥିଲା ଉକୁଣୀମରା ଔଷଧ ଖାଇ ଦେଇଛି। ତାକୁ ପରିବାର ଲୋକେ ପ୍ରଥମେ ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇ ଯାଇଥିଲେ। ସେଠାରୁ ଅବସ୍ଥା ଗୁରୁତର ହେବାରୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଝିଅକୁ ଡାକ୍ତର ମୃତ ଘୋଷଣା କରିଥିଲେ। ଝିଅର ମୃତ୍ୟୁ ସମ୍ପର୍କରେ ନାବାଳିକର ବାପା ମାଲକାନଗିରି ଥାନାରେ ଜଣାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଶରୀର ଜବତ କରି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛନ୍ତି। ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୁଲିସ ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି।

## ଅନୁସୂଚିତ ଜନଜାତି ବିଭାଗ ନିର୍ଦ୍ଦେଶକଙ୍କ କୋଟିଆ ଗସ୍ତ



**ପଟ୍ଟାଙ୍ଗି, ୨୮।୫(ସମିସ):** ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ (ଆଇଏଏସ୍) ମଙ୍ଗଳବାର ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ କୋଟିଆ ପଞ୍ଚାୟତ ପରିଦର୍ଶନ କରିଛନ୍ତି। କୋଟିଆ ଗସ୍ତ କାଳରେ ସେ ଜିଲ୍ଲା ମଙ୍ଗଳ ବିଭାଗ ଏବଂ କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନରେ ଥିବା ଏସ୍ଏସଡି ହାଇସ୍କୁଲ ପରିଦର୍ଶନ କରି ପ୍ରଧାନଶିକ୍ଷକ ଓ ଅନ୍ୟମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। କୋଟିଆ ପଞ୍ଚାୟତର ସମସ୍ତ ପିଲା ଯେପରି ଓଡ଼ିଶା ସ୍କୁଲରେ ନାମ ଲେଖାଇବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ଶ୍ରୀ ତ୍ରିପାଠୀ ଏମ୍ଏମଜେଜେଏମ୍ ଯୋଜନାରେ ହୋଇଥିବା ଷ୍ଟ୍ରବେରୀ ଚାଷ ଦେଖି ଖୁସିବ୍ୟକ୍ତ କରିବା ସହ ହିତାଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହା ବ୍ୟତୀତ ସେ ସେମିଳିଗୁଡ଼ା ବ୍ଲକର ପୁଙ୍ଗାର ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରି ଅଧ୍ୟକ୍ଷ ଓ ଅନ୍ୟ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ।

## ୧୫ ଫୁଟ୍ ଲମ୍ବର ବିଲୁପ୍ତପ୍ରାୟ ପ୍ରଜାତିର ଅହିରାଜ ଉଦ୍ଧାର

**ମାଲକାନଗିରି,୨୮।୫(ସମିସ):** ମାଲକାନଗିରି ବନାଞ୍ଚଳରେ ବିଲୁପ୍ତପ୍ରାୟ ପ୍ରଜାତିର ଅହିରାଜ ସାପକୁ ଉଦ୍ଧାର କରାଯାଇଛି। ତଥ୍ୟ ଅନୁଯାୟୀ, ମାଲାକନଗିରି ବନାଞ୍ଚଳ ଏମଭି ୨୩ ଗ୍ରାମ ନିକଟସ୍ଥ ଏକ କ୍ରସର ମିଲ ଗୃହରେ ଗୋଟିଏ ଅହିରାଜ ସାପ ଛପି ରହିଥିବା ଲୋକେ ଦେଖିବାକୁ ପାଇଥିଲେ। ଅହିରାଜଟି ଫଣା ଟେକି ପ୍ରାୟ ୬ ଫୁଟ୍ ଉଚ୍ଚରେ ଠିଆ ହେଉଥିଲା। ଯାହାକୁ ଦେଖି ଭୟଭୀତ ହେବା ସହ ଆତଙ୍କିତ ହୋଇ ପଡ଼ିଥିଲେ ସ୍ଥାନୀୟ ଲୋକ। ପରେ ସ୍ଥାନୀୟ ଲୋକେ ଜଣେ ସାପ ଧରାଳିଙ୍କୁ ଯୋଗାଯୋଗ କରିବା ପରେ ଅହିରାଜକୁ କାବୁ କରିବାକୁ ଦୀର୍ଘ ସମୟ ଲାଗିଥିଲା। ଅତି ସତର୍କତାର ସହ ସାପ ଧରାଳି ଅହିରାଜକୁ କାବୁ କରିଥିଲେ। ପରେ ଏହି ସାପର ଲମ୍ବ ୧୫ ଫୁଟ୍ ଏବଂ ଓଜନ ୧୦ କେଜି ଥିବା ଜାଣିବାକୁ ପାଇଥିଲେ। ବନ ବିଭାଗକୁ ଖବର ଦେବା ପରେ ସାପକୁ ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ବନ ବିଭାଗ ସାପର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଜଙ୍ଗଲରେ ନେଇ ଛାଡ଼ି ଦେଇଛନ୍ତି।



